

# ରାମାୟଣ କଥା ଓ ବିଜ୍ଞାନ

ଶ୍ରୀ ସୁବ୍ରତ ସାହୁ

# ରାମାୟଣ କଥା ଓ ବିଜ୍ଞାନ



ଶ୍ରୀ ସୁବ୍ରତ ସାହୁ

ପ୍ରକାଶକ

ରାଷ୍ଟ୍ରଭାଷା ସମବାୟ ପ୍ରକାଶନ

ରାଷ୍ଟ୍ରଭାଷା ରୋଡ୍, କଟକ-୭୫୩ ୦୦୧

# ରାମାୟଣ କଥା ଓ ବିଜ୍ଞାନ

ଲେଖକ

ଶ୍ରୀ ସୁବ୍ରତ ସାହୁ

© ଶ୍ରୀମତୀ ପ୍ରମିଳା ସାହୁ

ପ୍ରଥମ ପ୍ରକାଶ

ଫଗୁଦଶମୀ-୧୯୮୯

ମୁଦ୍ରାକର

ଶ୍ରୀ ଗୋପୀନାଥ ସାହୁ

ରାଷ୍ଟ୍ରଭାଷା ସମବାୟ ପ୍ରେସ୍

ରାଷ୍ଟ୍ରଭାଷା ରୋଡ୍, କଟକ-୧

ମୂଲ୍ୟ

ଛଅ ଟଙ୍କା

# ସୂଚୀ


| ବିଷୟ | ପୃଷ୍ଠା |
| --- | --- |
| ଶ୍ରବଣକୁମାର ଓ ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ର | ୫ |
| ବାଲିବଧ ଓ ସୁପର୍‌କଣ୍ଡକ୍ଟର୍ ରହସ୍ୟ | ୯ |
| ରାମାୟଣର ସେତୁବନ୍ଧ ଓ ଆଜିର ନିର୍ମାଣ ବିଜ୍ଞାନ | ୧୩ |
| ରାବଣ ଦଶାନନ ହେବା ସତ୍ୟ ନା କଳ୍ପନା | ୧୯ |
| କୁମ୍ଭକର୍ଣ୍ଣ ନିଦ୍ରାର ବୈଜ୍ଞାନିକ ତତ୍ତ୍ୱ | ୨୪ |
| ହନୁମାନ, ଶିମ୍ପାଞ୍ଜି ଓ ଉପଗ୍ରହ | ୨୯ |


* * * * * *

# ଶ୍ରବଣକୁମାର ଓ ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ର

ଦଶରଥ ମୃତ୍ୟୁବେଳେ କୌଣସି ପୁତ୍ରର ଦର୍ଶନ ପାଇବେ ନାହିଁ ବୋଲି ଅଭିଶାପ ପାଇଥିଲେ । ଏହି ଅଭିଶାପ ବିଷୟରେ ଯେଉଁ ଗଳ୍ପଟି ଅଛି, ସେଇଟି ଶ୍ରବଣକୁମାର - ଉପାଖ୍ୟାନ ।

ଶ୍ରବଣକୁମାରଙ୍କ ପିତା-ମାତା ଉଭୟେ ଅନ୍ଧ ଥିଲେ । ପିତା-ମାତାଙ୍କ ସେବା କରିବା ତାଙ୍କର କର୍ତ୍ତବ୍ୟ ଥିଲା । ସେ ଜଙ୍ଗଲରୁ ଫଳମୂଳ ଆଣି ପିତା-ମାତାଙ୍କୁ ଖୁଆଉଥିଲେ । ନିଜ କାନ୍ଧରେ ଭାର ବୋହି ବାପା ଓ ମା'ଙ୍କୁ ବିଭିନ୍ନ ସ୍ଥାନ ବୁଲାଉଥିଲେ ।

ଦଶରଥ ସେତେବେଳେ ଅଯୋଧ୍ୟାର ରାଜକୁମାର । ଦିନେ ସେ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ । ଜନ୍ତୁକୁ ନ ଦେଖି ତା' ଶବ୍ଦକୁ ବାରି ସେ ଶିକାର କରିପାରୁଥିଲେ । ସେ ଦିନ କୌଣସି ଶିକାର ନ ପାଇ ସେ ବ୍ୟସ୍ତ ଥାଆନ୍ତି, ଏତିକିବେଳେ ଦୂରରେ ନଦୀରୁ ହାତୀଟିଏ ପାଣି ପିଉଥିବାଭଳି ଶବ୍ଦ ଶୁଭିଲା ।

ପ୍ରକୃତରେ ସେତେବେଳେ ସରଯୂ ନଦୀରୁ ଶ୍ରବଣକୁମାର ପାଣି ନେଉଥାଆନ୍ତି । ମାଠିଆଭିତରେ ପାଣି ପଶୁଥିବାସମୟରେ

ଯେଉଁ ଖଳଖଳ ଶବ୍ଦ ହେଉଥିଲା, ତାହା ହାତୀ ଶୁଣ୍ଢରେ ପାଣି ଆଣି ପାଟିରେ ପୂରାଉଥିବା ଶବ୍ଦଭଳି ଶୁଭୁଥିଲା ।

ଜଙ୍ଗଲର ଅନ୍ଧାରରେ ଓ ଖୁବ୍ ଦୂରରେ ଥିବା ରାଜକୁମାର ଦଶରଥ ଗୋଟାଏ ହାତୀ ଶିକାରର ସୁଯୋଗ ପାଇଛନ୍ତି ଭାବି ଶବ୍ଦ ଆସୁଥିବା ଦିଗରେ ତୀର ନିକ୍ଷେପ କଲେ ।

କଳସୀରେ ପାଣି ଭର୍ତ୍ତିକରୁଥିବାବେଳେ ଶ୍ରବଣକୁମାର ନଇଁପଡ଼ିଥିଲେ । ତେଣୁ ଦଶରଥଙ୍କ ତୀର ତାଙ୍କ ବକ୍ଷ ଭେଦ କଲା ।

ଶିକାର ଆଣିବାକୁ ଯାଇ ଦଶରଥ ଦେଖିଲେ, ସେ ଜଣେ ଋଷିକୁମାରଙ୍କୁ ହତ୍ୟା କରିଛନ୍ତି । ଶେଷନିଃଶ୍ୱାସ ତ୍ୟାଗ କରିବାପୂର୍ବରୁ ଶ୍ରବଣକୁମାର ତାଙ୍କ ଅନ୍ଧ ପିତା-ମାତାଙ୍କ ଶୋଷ ମେଣ୍ଟାଇବାପାଇଁ ପାଣି ନେଉଥିଲେ ବୋଲି ଦଶରଥଙ୍କୁ କହିଲେ ।

ଦଶରଥ ଶ୍ରବଣକୁମାରଙ୍କ ଅନ୍ଧ ପିତା-ମାତାଙ୍କୁ ପାଣି ଯୋଗାଇବା ସଙ୍ଗେ-ସଙ୍ଗେ ଶଙ୍କିତ ହୋଇ ତାଙ୍କୁ ପୁଅର ମୃତ୍ୟୁକଥା ଜଣାଇଲେ । ଅନ୍ଧ ପିତା-ମାତା ପୁତ୍ରଶୋକରେ କ୍ରୁଦ୍ଧ ହୋଇ ସେହିଭଳି ପୁତ୍ରଶୋକରେ ପ୍ରାଣ ହରାଇବାପାଇଁ ଦଶରଥଙ୍କୁ ଅଭିଶାପ ଦେଲେ । କ୍ରୋଧ ପରିହାର କରିବାପାଇଁ ଦଶରଥ ଆକୁଳ ପ୍ରାର୍ଥନା କଲେ । ଋଷି-ଦମ୍ପତି ଦୟାପରବଶ ହେଲେ; କହିଲେ, "ତୁମେ ମୃତ୍ୟୁବେଳେ ସନ୍ତାନମୁଖଦର୍ଶନରୁ ବଞ୍ଚିତ ହେବ ।"

ଏ ଦୁଃଖଦ ଘଟଣାର ମୂଳ କାରଣ ହେଲା, ଶବ୍ଦକୁ ବାଣ ତୀର ଚଳାଇବା । ଏଥିରେ ଲକ୍ଷ୍ୟକୁ ଚିହ୍ନିବାର ଅବସର ନ ଥାଏ । ମାତ୍ର ଏଥିରୁ ଆମେ ଗୋଟିଏ ବୈଜ୍ଞାନିକ ତଥ୍ୟ ଜାଣିଲୁ ଯେ ଦଶରଥଙ୍କ ପାଖରେ ଶବ୍ଦଭେଦୀ ଅସ୍ତ୍ର ଥିଲା ।

ଦୁଇ ହଜାରରୁ ଅଧିକ ବର୍ଷତଳେ ରାମାୟଣରେ ଯାହା କଳ୍ପନା କରାଯାଇଥିଲା, ଆଜିକାଲି ତାହା ସମ୍ଭବପର ହେଲାଣି । ବୈଜ୍ଞାନିକମାନେ ବିଭିନ୍ନ ପ୍ରକାରର ଲକ୍ଷ୍ୟଭେଦୀ ଅସ୍ତ୍ର ବା ଘରମୁହାଁ ଯନ୍ତ୍ରମାନ ( homing device ) ତିଆରିକଲେଣି । ତନ୍ମଧ୍ୟରୁ ଶବ୍ଦଭେଦୀ କ୍ଷେପଣାସ୍ତ୍ର ଗୋଟିଏ । ଏହାର ପ୍ରଥମ ରୂପ ଆକାଶରୁ ଆକାଶକୁ କ୍ଷେପଣାସ୍ତ୍ର ( air-to-air missile ) । ଦଶରଥଙ୍କ ତୀରଭଳି ଏସବୁ ଅସ୍ତ୍ରର ମଧ୍ୟ ଦୋଷ ଅଛି ।

ଶବ୍ଦଭେଦୀ କ୍ଷେପଣାସ୍ତ୍ରର ଅଗ୍ରଭାଗରେ ଶବ୍ଦର ଯାନ୍ତ୍ରିକ କମ୍ପନକୁ ଖୋଜିବାପାଇଁ ଏକ ପ୍ରକାରର ଝିଲ୍ଲି ଅଛି । ଏହା ଅଧିକ କମ୍ପନ ସୃଷ୍ଟି କରୁଥିବା ଶବ୍ଦଆଡ଼କୁ ମୁହାଁଏ । ଲଢୁଆ ବିମାନ-ଗୁଡ଼ିକର ଶବ୍ଦ ତା'ର ଇଞ୍ଜିନ୍ ପ୍ରପେଲର୍‌ଠାରୁ ଆସିଥାଏ । କିନ୍ତୁ କୃତ୍ରିମଭାବରେ ବିମାନ-ଇଞ୍ଜିନ୍‌ଭଳି ଶବ୍ଦ ସୃଷ୍ଟି କରି ଏପରି ଶବ୍ଦଭେଦୀ କ୍ଷେପଣାସ୍ତ୍ରକୁ ମଧ୍ୟ ଲକ୍ଷ୍ୟଭ୍ରଷ୍ଟ କରାଯାଇପାରେ ।

ତେଣୁ ଶବ୍ଦଭେଦୀ କ୍ଷେପଣାସ୍ତ୍ର ଛାଡ଼ିବାପରେ ଯଦି ଶତ୍ରୁ-ବିମାନ ଅଧିକ କମ୍ପନର ଶବ୍ଦ ସୃଷ୍ଟି କରୁଥିବା ଯନ୍ତ୍ରଟିଏ ଛାଡ଼ିଦିଏ, ତେବେ କ୍ଷେପଣାସ୍ତ୍ରଟି ଲକ୍ଷ୍ୟଭ୍ରଷ୍ଟ ହୋଇଯାଇ ଶତ୍ରୁ - ବିମାନକୁ ଛାଡ଼ି ସେହି ଶବ୍ଦର ଉତ୍ପତ୍ତିସ୍ଥଳ ଆଡ଼କୁ ମୁହାଁଇବ ।

ଏପରି ଅସୁବିଧାକୁ ଦୂର କରିବାପାଇଁ ଉତ୍ତାପଭେଦୀ କ୍ଷେପଣାସ୍ତ୍ରମାନ ତିଆରିକରାଯାଇଛି । ଏହି ଅସ୍ତ୍ରଗୁଡ଼ିକ ଲକ୍ଷ୍ୟର ଉତ୍ତାପକୁ ଖୋଜିଖୋଜି ଯାଉଥିବାରୁ ଏଗୁଡ଼ିକୁ ତାପାନ୍ୱେଷୀ କ୍ଷେପଣାସ୍ତ୍ର କହନ୍ତି (heat-seeking missile) । ବିମାନ-ଇଞ୍ଜିନ୍ ତାପ ବିକିରଣ କରେ । ତାହା ଅବଲୋହିତ ରଶ୍ମି (infra-red ray) ରୂପରେ ବିଛୁରିତହୋଇଯାଏ । ତାହାକୁ ଅନ୍ୱେଷଣ କରି କ୍ଷେପଣାସ୍ତ୍ରଟି ଆଗେଇଯାଏ । ତାରକା ଯୁଦ୍ଧର ଅସ୍ତ୍ରରୂପେ ତାପାନ୍ୱେଷୀ କ୍ଷେପଣାସ୍ତ୍ର ବ୍ୟବହୃତ ହେବାର ଯୋଜନା ଅଛି ।

ପ୍ରଶ୍ନ କରାଯାଇପାରେ, ସୂର୍ଯ୍ୟ ତ ଅଧିକ ତାପ ଦିଏ ; ତେବେ ଏ କ୍ଷେପଣାସ୍ତ୍ର ସୂର୍ଯ୍ୟାଭିମୁଖୀ ହେବ ନାହିଁ କାହିଁକି ?

ଏହି କ୍ଷେପଣାସ୍ତ୍ରଗୁଡ଼ିକରେ ଏକ ଅବଲୋହିତ ସନ୍ଧାନୀ (infra-red sensor) ଥାଏ । ଏହା ଏପରି ତିଆରି ଯେ ଏକ ନିର୍ଦ୍ଦିଷ୍ଟ ବ୍ୟାସାର୍ଦ୍ଧମଧ୍ୟରେ ଥିବା ଉତ୍ତପ୍ତ ବସ୍ତୁର ଅନୁସରଣ କରେ ଏବଂ ଥରେ ପିଛା ଧରିଲେ ଆଉ ଛାଡ଼େ ନାହିଁ । ଯେଉଁଦିଗରୁ ଅବଲୋହିତ ରଶ୍ମି ଆସୁଥାଏ, ସେହି ଦିଗକୁ ମୁହାଁଇ ଚାଲେ । ସୂର୍ଯ୍ୟ ପାଖକୁ ନ ଯିବାର ଆଉ ଗୋଟିଏ କାରଣ ମଧ୍ୟ ଅଛି । କ୍ଷେପଣାସ୍ତ୍ରଟି ଗୋଟିଏ ରକେଟ୍ (ହାଉଇ) ମୋଟରଦ୍ୱାରା ପ୍ରେରଣ କରାଯାଇଥାଏ । ଯେପରି ବନ୍ଧୁକର ଗୁଳି ବନ୍ଧୁକରୁ ବାହାରିଗଲାପରେ କିଛି ବାଟଯାଇ ପୁଣି ତଳକୁ ଖସେ, ସେହିପରି କ୍ଷେପଣାସ୍ତ୍ରଟି ନିକ୍ଷିପ୍ତ ହେଲାପରେ ଅନିର୍ଦ୍ଦିଷ୍ଟ କାଳପାଇଁ ଗତି କରିପାରିବ ନାହିଁ । ନିର୍ଦ୍ଦିଷ୍ଟ ସମୟଭିତରେ ଲକ୍ଷ୍ୟରେ ନ ପହଞ୍ଚିଲେ ଏହା ତଳକୁ ଖସିବ । ତେଣୁ ଲକ୍ଷ୍ୟ କେତେ ଦୂରଭିତରେ ଥିଲେ କ୍ଷେପଣାସ୍ତ୍ରଟି କାମ କରିବ, ତାହା ହିସାବ କରି କ୍ଷେପଣାସ୍ତ୍ରଟିକୁ ଛଡ଼ାଯାଏ । ଏହି କାରଣରୁ ଲକ୍ଷ୍ୟ ବାହାରେ ଅଧିକ ଦୂରକୁ କ୍ଷେପଣାସ୍ତ୍ର ଚାଲିଯିବାର ସମ୍ଭାବନା ନାହିଁ ।

ଏପ୍ରକାର ଲକ୍ଷ୍ୟାନ୍ୱେଷୀ କ୍ଷେପଣାସ୍ତ୍ରର ଲାଭ ହେଉଛି— ଶିକାରକୁ ଲକ୍ଷ୍ୟ କରିବା ଦରକାର ନାହିଁ ; ତା'ର ଅଧକିଲୋମିଟର୍ ଏପାଖ – ସେପାଖ ହେଲେ ମଧ୍ୟ କ୍ଷେପଣାସ୍ତ୍ରଟି ଠିକ୍ ଲକ୍ଷ୍ୟସ୍ଥଳ ଭେଦ କରିବ । ଏହି କାରଣରୁ ଆଧୁନିକ ଯୁଦ୍ଧରେ ଲକ୍ଷ୍ୟାନ୍ୱେଷୀ (ହୋମିଙ୍ଗ୍) କ୍ଷେପଣାସ୍ତ୍ରର ବ୍ୟବହାର ଖୁବ୍ ବଢ଼ିଯାଇଛି ।

● ● ●



[ଶ୍ରବଣ କୁମାର ଶରବିଦ୍ଧ]

ରାଜକୁମାର ଦଶରଥ ଜନ୍ତୁକୁ ନଦେଖି କେବଳ ଜନ୍ତୁର ଶବ୍ଦ ବାରି ତୀର ମାରି ପାରୁଥିଲେ ଓ ଜନ୍ତୁ ଶିକାର ହୋଇଯାଉଥିଲା । ଶ୍ରବଣ କୁମାର ଶରଯୂ ନଦୀରୁ ମାଠିଆରେ ପାଣି ନେଉଥିଲା ବେଳେ ଯେଉଁ ଖଳ ଖଳ ଶବ୍ଦ ହେଲା ତାହା ଦଶରଥଙ୍କୁ ହାତୀ ପାଣି ପିଉଥିବା ଭଳି ମନେ ହେଲା । ହାତୀ ଶିକାର କରିବାପାଇଁ ସେ ଯେଉଁ ତୀର ପେଶିଲେ ତାହା ଶ୍ରବଣ କୁମାର ଛାତିରେ ପଶିଗଲା, କାରଣ କଳସୀରେ ପାଣି ପଶୁଥିବାବେଳେ ଶ୍ରବଣ କୁମାର ନଇଁ ପଡ଼ିଥିଲେ ।



[ଶବ୍ଦଭେଦୀ କ୍ଷେପଣାସ୍ତ୍ର]

ଅଦୃଶ୍ୟ ଲକ୍ଷ୍ୟକୁ ଭେଦ କରିବାପାଇଁ ଲକ୍ଷ୍ୟର କେତେଗୁଡ଼ିଏ ଗୁଣକୁ ବାରିବା ଭଳି ଅସ୍ତ୍ର ଦରକାର । ତାପ, ରଙ୍ଗ, ଶବ୍ଦ ବା ଲକ୍ଷ୍ୟ ତିଆରି ହୋଇଥିବା ବସ୍ତୁର ଧର୍ମ ଜାଣି ତାକୁ ଚିହ୍ନଟ କରିପାରିବା ଭଳି ସୂକ୍ଷ୍ମ ଯନ୍ତ୍ର ଦରକାର । ଅତି ଶକ୍ତିଶାଳୀ ଅଥଚ ସୂକ୍ଷ୍ମ କମ୍ପ୍ୟୁଟର ଏ କାମ କରିପାରେ । ଏଭଳି କମ୍ପ୍ୟୁଟର ଯୋଖି ଉପଗ୍ରହକୁ ଲକ୍ଷ୍ୟ ପଥରେ ପଠାଇହେଉଛି । ଏକ ସୂକ୍ଷ୍ମ ଗ୍ରାହକ (ଆଣ୍ଟେନା ବା ରିସେପ୍‌ଟର) ଖଞ୍ଜି ଦୂରରେ ଥିବା ବସ୍ତୁର ତାପ, ରଙ୍ଗ, ବେଗ, ଶବ୍ଦ ଆଦିକୁ ବାରି ହେବ ଏବଂ ପାଠ ଅନୁଯାୟୀ ଯଦି ଗୁଣଗୁଡ଼ିକ ଖାପ ଖାଇଗଲା, ତେବେ ତାହା ହିଁ ଲକ୍ଷ୍ୟ ଭଲି ତୀରଟି ଆଗେଇବ । ଶବ୍ଦଭେଦୀ ବାଣ ଏହିପରି ଗୋଟିଏ ଲକ୍ଷ୍ୟଭେଦୀ ଅସ୍ତ୍ର ।

## ବାଳିବଧ ଓ ସୁପର୍‌କଣ୍ଡକ୍‌ଟର୍ ରହସ୍ୟ

ରାମାୟଣ ଅନୁଯାୟୀ କିଷ୍କିନ୍ଧ୍ୟାର ବାନରମାନେ ପବନ ଦେବତାଙ୍କ ବଂଶଧର । ସେମାନଙ୍କ ଶକ୍ତି-ସାମର୍ଥ୍ୟ ତାଙ୍କଠାରୁ ପ୍ରାପ୍ତ ।

ବାନର-ରାଜ୍ୟ କିଷ୍କିନ୍ଧ୍ୟାର ରାଜା ବାଳି ଥିଲେ ମହା ପରାକ୍ରମୀ ଓ ଶକ୍ତିଶାଳୀ । ଥରେ ବ୍ରହ୍ମା ବାଳିଙ୍କୁ ଗୋଟିଏ ବର ପ୍ରଦାନ କରିଥିଲେ—ତ୍ରିଭୁବନର ଯେ କୌଣସି ଜୀବ ସହିତ ଯୁଦ୍ଧ କରିବାକୁ ବାଳି ମୁହାଁମୁହିଁ ହେଲେ ଶତ୍ରୁର ଅଧା ଶକ୍ତି ବାଳିଙ୍କ ଶରୀରକୁ ଆସିଯିବ ଅର୍ଥାତ୍ ବାଳି ଶତ୍ରୁଠାରୁ ଅଧିକ ଶକ୍ତିଶାଳୀ ହୋଇ-ଯିବେ । ଏ ବର ପାଇଥିବା ବାଳିଙ୍କୁ ଯୁଦ୍ଧରେ ପରାଜିତ କରିବା ଅସମ୍ଭବ ଥିଲା ।

ବର ପାଇ ବାଳି ମଧ୍ୟ ଅହଂକାରୀ ହୋଇଗଲେ । ସେ ନ ବୁଝି ନ ସୁଝି ସାନ ଭାଇ ସୁଗ୍ରୀବଙ୍କୁ ରାଜ୍ୟରୁ ବହିଷ୍କାର କରିଦେଲେ । ବାଳିଙ୍କ ଡରରେ ସୁଗ୍ରୀବ ହନୁମାନ୍, ଜାମ୍ବବାନ୍, ନଳ ଓ ଅନ୍ୟ ବିଶ୍ୱସ୍ତ ସହଚରଙ୍କୁ ନେଇ ଋଷ୍ୟମୂକ ପାହାଡ଼ର ଗୁମ୍ଫାରେ

ଦିନ କଟାଇଲେ । ବାଳିଙ୍କ ଉପରେ ଋଷିଙ୍କ ଅଭିଶାପ ଥିଲା—ସେ ଯଦି ଋଷ୍ୟମୂକ ପର୍ବତମାଳାରେ ପାଦ ରଖିବେ, ତେବେ ତାଙ୍କ ମୁଣ୍ଡ ଛାରଖାର ହୋଇଯିବ । ତେଣୁ ସୁଗ୍ରୀବ ସେଠାରେ ନିର୍ଭୟରେ ଦିନ କଟାଇଲେ ।

ରାବଣ ସୀତାଙ୍କୁ ଅପହରଣ କରିନେଇଥିଲା । ତାଙ୍କୁ ଠାବ କରିବାପାଇଁ ସୁଗ୍ରୀବଙ୍କ ସହାୟତା ଦରକାର ବୋଲି ଋଷିମାନଙ୍କ ଉପଦେଶକ୍ରମେ ରାମଚନ୍ଦ୍ର ଓ ଲକ୍ଷ୍ମଣ ସେହି ପର୍ବତମାଳାରେ ଆସି ପହଞ୍ଚିଲେ । ଗେରୁଆ ବସ୍ତ୍ର ପିନ୍ଧିଥିବା କଟାଧାରୀ ଅଥଚ ସଶସ୍ତ୍ର ଓ ସୁଠାମ ଯୁବକଙ୍କୁ ଦେଖି ସୁଗ୍ରୀବଙ୍କ ମନରେ ସନ୍ଦେହ ଜାତ ହେଲା—ଏ ବାଳିଙ୍କ ଗୁପ୍ତଚର ନୁହନ୍ତି ତ ?

ସନ୍ଦେହ ଦୂର କରିବାପାଇଁ ସେ ହନୁମାନ୍‌ଙ୍କୁ ପଠାଇଲେ । ହନୁମାନ୍ ଯେତେବେଳେ ଜାଣିଲେ ଯେ ନବାଗତ ଦୁହେଁ ତାଙ୍କ ପୂଜ୍ୟ ଶ୍ରୀରାମ ଓ ଲକ୍ଷ୍ମଣ, ସେ ଖୁସିରେ ଦୁହିଁଙ୍କୁ କାନ୍ଧରେ ବସାଇ ସୁଗ୍ରୀବଙ୍କ ନିକଟକୁ ନେଇଗଲେ । ରାମଚନ୍ଦ୍ର ଓ ସୁଗ୍ରୀବ ମିତ୍ରତା-ବନ୍ଧନରେ ଆବଦ୍ଧ ହେଲେ । ରାମଚନ୍ଦ୍ର ସୁଗ୍ରୀବଙ୍କୁ ଦୁଃଖରୁ ଉଦ୍ଧାର କରିବାପାଇଁ ବାଳିଙ୍କୁ ବିନାଶ କରିବାଲାଗି ପ୍ରତିଜ୍ଞା କଲେ ।

ରାମାୟଣର କାହାଣୀ ଅନୁଯାୟୀ ରାମଚନ୍ଦ୍ର ବାଳିଙ୍କୁ ସମ୍ମୁଖ ଯୁଦ୍ଧରେ ଭେଟି ନ ଥିଲେ । ସୁଗ୍ରୀବ ବାଳିଙ୍କ ସହିତ ଯୁଦ୍ଧ କରୁଥିବାବେଳେ ରାମଚନ୍ଦ୍ର ଲୁଚି ଲୁଚି ତୀର ମାରିଥିଲେ ।

ଲୁଚି ଲୁଚି ଶତ୍ରୁକୁ ମାରିବା ରାମଚନ୍ଦ୍ରଙ୍କ ପକ୍ଷରେ ଉଚିତ କି ଅନୁଚିତ ଏ ବିଷୟର ବିଚାର କରିବା ଏ କାହାଣୀର ଲକ୍ଷ୍ୟ ନୁହେଁ । ରାମଚନ୍ଦ୍ର ଯେ ମୁହାଁମୁହିଁ ବାଳିଙ୍କୁ ଭେଟି ନ ଥିଲେ ତା'ର ଗୋଟିଏ କାରଣ ହେଉଛି ବାଳି ତାଙ୍କୁ ସାମନାରେ ପାଇଥିଲେ ତାଙ୍କର ଅର୍ଦ୍ଧେକ ଶକ୍ତି ନେଇଯାଇଥାଆନ୍ତେ । ଏହାର ବୈଜ୍ଞାନିକ କାରଣ

କ'ଣ, ତାହା ଜାଣିବା ଦରକାର । ଏ ପ୍ରକାର ଧାରଣା ରାମାୟଣକାର କିପରି ପାଇଲେ ?

ଯେଉଁମାନେ ପଦାର୍ଥବିଜ୍ଞାନ ପଢ଼ୁଛନ୍ତି, ସେମାନେ ବିଦ୍ୟୁତ୍-ଶକ୍ତିର ପ୍ରବାହ ବିଷୟରେ ଜାଣିଥିବେ । ଇଲେକ୍ଟ୍ରିକ୍ କରେଣ୍ଟ୍‌ର ମୂଳ ଧର୍ମ ହେଲା—ଇଲେକ୍ଟ୍ରନ୍‌ର ଏକ ନିୟମିତ ପଥରେ ଗତି । କୌଣସି ବସ୍ତୁ ମଧ୍ୟଦେଇ ବିଜୁଳିସ୍ରୋତ ଗତି କଲେ ବସ୍ତୁଟି ବିଦ୍ୟୁତ୍‌ସ୍ରୋତକୁ ବାଧା ଦିଏ । କେତେକ ଧାତୁ ଖୁବ୍ କମ୍ ବାଧା ଦିଅନ୍ତି । ରୂପା ଏହିପରି ଏକ ଧାତୁ ; ମାତ୍ର ଏହା ଏକ ମୂଲ୍ୟବାନ୍ ପଦାର୍ଥ ହୋଇଥିବାରୁ ତମ୍ବା, ଆଲୁମିନିୟମ୍ ପ୍ରଭୃତି ଧାତୁକୁ ବିଦ୍ୟୁତ୍ ତାର ନିର୍ମାଣରେ ବ୍ୟବହାର କରାହୁଏ । ରବର, ସିମେଣ୍ଟ୍ ଓ କାଠ ଭଳି ପଦାର୍ଥ ଏତେ ବାଧା ଦିଅନ୍ତି ଯେ ତା'ଭିତରେ ବିଜୁଳି ଯାଏ ନାହିଁ । ତେଣୁ ଏଗୁଡ଼ିକୁ ଅପରିବାହୀ ବା ନନ୍-କଣ୍ଡକ୍ଟର୍ କୁହାଯାଏ ।

ଏଥିରୁ ଅନୁମାନ କରିବା କଥା ଯେ ବିଜୁଳିକୁ ବିଲ୍‌କୁଲ୍ ବାଧା ଦେଉ ନ ଥିବା ବସ୍ତୁ ବି ଥିବ । ଯଦି ଥିବ, ସେ ବସ୍ତୁଟି ବିଜୁଳି-ସ୍ରୋତକୁ ଛୁଇଁବାକ୍ଷଣି ସବୁ ବିଜୁଳି ଟାଣିନେବ ।

ବୈଜ୍ଞାନିକମାନେ ଏବେ ଏ କଥା ସତ ବୋଲି ଜାଣିପାରିଛନ୍ତି । ସେମାନେ ମଧ୍ୟ ଜାଣିଛନ୍ତି ଯେ ପ୍ରତ୍ୟେକ ବସ୍ତୁର ବିଜୁଳିକୁ ବାଧା ଦେବାର ପରିମାଣ ତା'ର ତାପଉପରେ ନିର୍ଭର କରେ । ତାପ କମିଗଲେ ଏ ବାଧା ମଧ୍ୟ କମିଯାଏ । ତାପଶୂନ୍ୟ ହୋଇଗଲେ ବାଧା ଉଭେଇଯାଏ । ତାପଶୂନ୍ୟ ଅବସ୍ଥାକୁ ଇଂରାଜୀରେ ଆବ୍‌ସୋଲ୍ୟୁଟ୍ ଜିରୋ ବା ଶୂନ ଡିଗ୍ରୀ କେଲ୍‌ଭିନ୍ କୁହାଯାଏ । ଏହି ଅବସ୍ଥାରେ ପ୍ରତ୍ୟେକ ବସ୍ତୁ ସୁପର୍‌କଣ୍ଡକ୍ଟର୍ ବା ସୁପରିବାହୀ ହୋଇଯାଏ ।

ବିଜୁଳିସ୍ରୋତକୁ ବାଧା ଦେଉଥିବା କାରଣରୁ ସାଧାରଣ ପରିବାହୀ (କଣ୍ଡକ୍ଟର୍) କିଛି ସମୟପରେ ଗରମ ହୋଇଯାଏ। ବିଜୁଳିସ୍ରୋତ ବା ଶକ୍ତିର କିଛି ଅଂଶ ତାପ ସୃଷ୍ଟି କରିବାରେ ନଷ୍ଟ ହୋଇଯାଏ । ଏହାକୁ କହନ୍ତି ଶକ୍ତିକ୍ଷୟ (power loss) । ସୁପରିବାହୀରେ ବାଧା ନ ଥିବାରୁ ଶକ୍ତି କ୍ଷୟ ହୁଏ ନାହିଁ ; ବରଂ ସୁପରିବାହୀରେ ଶକ୍ତି ଝିଙ୍ଗିନେବାର ସାମର୍ଥ୍ୟ ଅଛି ।

ବ୍ରହ୍ମା ଯେଉଁ ବର ଦେଇଥିଲେ, ତାହା ବାନରରାଜା ବାଳିଙ୍କୁ ସୁପରିବାହୀ କରିଦେଇଥିଲା । ମାତ୍ର ରାମାୟଣରେ ବ୍ୟବହୃତ ସେ ସୁପରିବାହୀ ଆଜିର ସୁପରକଣ୍ଡକ୍ଟର୍‌ଠାରୁ ଅଧିକ ଶକ୍ତିଶାଳୀ ଓ କାରଗରପୂର୍ଣ୍ଣ । ଆଜି ସୁପରକଣ୍ଡକ୍ଟର୍ ବ୍ୟବହାରପାଇଁ ସ୍ପର୍ଶ କରିବା ଦରକାର ପଡୁଛି ; ମାତ୍ର ବାଳିଙ୍କପାଇଁ ସେତେବେଳେ ସ୍ପର୍ଶ କରିବା ବି ଦରକାର ନ ଥିଲା, କେବଳ ଆଖି ପଡିଲେ ସେ ଶକ୍ତି ଆହରଣ କରିହେଉଥିଲା ।

ଆଉ ଗୋଟିଏ କଥା—ଆଜିଯାଏ ଆମେ ଆମ ଘରର ଉତ୍ତାପରେ ସୁପରିବାହୀ ପାଇ ନାହୁଁ ; ଯାହା ପାଉଛୁ, ତାହା କେବଳ ନିମ୍ନତାପରେ କାମ କରୁଛି । କେବଳ ଉତ୍ତାପରେ ବା ଆମ ଘରର ତାପରେ ସୁପରିବାହୀ ପାଇବାପାଇଁ ଆଜି ଯାହା ଗବେଷଣା ଚାଲିଛି, ୩୦୦୦ ବର୍ଷତଳେ ରାମାୟଣର କଥାକାର ତାହା ଭାବିପାରିଥିଲେ ।

● ● ●



[ବାଲି ସୁଗ୍ରୀବ ଯୁଦ୍ଧ]

ବାଳି ରାବଣ ଭଳି ଯୋଦ୍ଧାକୁ ବି ହରାଇ ଦେଇଥିଲେ । ତାଙ୍କ ଶକ୍ତିକୁ ହିସାବ କଲାବେଳେ ସେ ବ୍ରହ୍ମାଙ୍କଠାରୁ ପାଇଥିବା ବର ମନେ ରଖିବାକୁ ହେବ । ବ୍ରହ୍ମାଙ୍କ ବର ଥିଲା ଯେ ଯିଏ ତାଙ୍କ ମୁହାଁମୁହିଁ ହେବ ତାହାର ଅଧେ ଶକ୍ତି ବାଳିଙ୍କ ଶରୀରକୁ ଆସିଯିବ । ତେଣୁ ଶତ୍ରୁର ଅଧେ ଶକ୍ତି ପାଉଥିବା ବାଳି ଶତ୍ରୁଠାରୁ ଅଧିକ ଶକ୍ତିଶାଳୀ ହେବା ସ୍ୱାଭାବିକ । ନିଜର ତ ପୁଣି କିଛି ବଳ ଅଛି ।



[ସୁପର କଣ୍ଡକ୍ଟର]

ଯିଏ ଶକ୍ତି ଟାଣିନିଏ ତାକୁ ପରିବାହୀ ବା କଣ୍ଡକ୍ଟର କୁହାଯାଏ । ଟାଣ ନେଉଥିବା ଜିନିଷଟି ଭିତରେ ଶକ୍ତି ଗଲାବେଳେ କିଛି ଶକ୍ତି ନଷ୍ଟ ହୋଇଯାଏ କାରଣ ଯିବା ବାଟରେ ଶକ୍ତି କିଛି ବାଧାପାଏ । କିନ୍ତୁ ସୁପର କଣ୍ଡକ୍ଟର ବା ସୁପରିବାହୀ ବିନା ବାଧାରେ ଶକ୍ତିକୁ ଟାଣିନିଏ । ବୈଜ୍ଞାନିକମାନେ ପରୀକ୍ଷା କରି ଦେଖିଛନ୍ତି ଯେ କୌଣସି ଜିନିଷକୁ ଚରମ ଶୂନ୍ୟଡିଗ୍ରୀ ବା ଜିରୋଡ଼ିଗ୍ରୀ କେଲ୍‌ଭିନ୍‌କୁ ଅର୍ଥାତ୍‌–୨୭୩° ସେଲ୍‌ସିଅସ୍‌କୁ ଖସାଇ ଦିଆଯାଏ ତାହା ସୁପରିବାହୀ ହୋଇ-ଯିବ । କୌଣସି ଜିନିଷ ଦେହରେ ବିଜୁଳି ପଶିଲେ, ତାହା ଚୁମ୍ବକଶକ୍ତି ପାଏ । ତା ପାଖକୁ ଆଉ ଗୋଟିଏ ଚୁମ୍ବକ ଛାଡ଼ିଲେ ଉପର ଚୁମ୍ବକଟି ଝୁଲି ରହେ, ତଳ ଚୁମ୍ବକ ସାଙ୍ଗରେ ଲାଗେ ନାହିଁ । ଛବିଟିରେ ବିଜୁଳି ସ୍ରୋତ ଥିବା ପାତ୍ରଟି ଉପରେ ଖସୁଥିବା ଖଣ୍ଡିଏ ଲୁହା ତଳର ବିଜୁଳିସ୍ରୋତରୁ ଶକ୍ତି ଟାଣି ନେଇ ଚୁମ୍ବକ ହୋଇଯାଇଥିବାରୁ ଖସି ନପଡ଼ି ଉପରେ ଝୁଲି ରହିଛି । ବାଳିଙ୍କ ଦେହ ଗୋଟିଏ ପ୍ରକାରର ସୁପରକଣ୍ଡକ୍ଟର ହୋଇଥିବ ।

# ରାମାୟଣର ସେତୁବନ୍ଧ ଓ ଆଜିର ନିର୍ମାଣ ବିଜ୍ଞାନ

ହନୁମାନ ସୀତାଙ୍କୁ ଲଙ୍କାରେ ଠାବ କରି ଫେରିବାପରେ ଲଙ୍କା-ଅଭିଯାନପାଇଁ ବାନରସେନା ପ୍ରସ୍ତୁତ ହେଲେ । ସାଜ-ସରଞ୍ଜାମ ଯୋଗାଡ଼ ହେଲା । ରାମ-ଲକ୍ଷ୍ମଣଙ୍କ ନେତୃତ୍ୱରେ ସୁଗ୍ରୀବ, ହନୁମାନ, ଅଙ୍ଗଦ, ଜାମ୍ବୁବାନ୍ ପ୍ରଭୃତି ଯୋଦ୍ଧାମାନଙ୍କ ସହିତ ବାନରମାନେ ଦକ୍ଷିଣ ଦିଗକୁ ଯାତ୍ରା କଲେ । ସମୁଦ୍ରକୂଳରେ ପହଞ୍ଚି ଲଙ୍କାକୁ ଯିବାର ଉପାୟ ଚିନ୍ତା କଲେ ।

ସେତେବେଳେ ଏହି ସମୁଦ୍ରର ନାମ ଭାରତ-ମହାସାଗର ନ ଥିଲା ; ଏହାକୁ ଦକ୍ଷିଣ ସାଗର କୁହାଯାଉଥିଲା ।

ଲଙ୍କାରେ ପହଞ୍ଚିବାପାଇଁ ସମୁଦ୍ର ପାର ହେବାକୁ ପଡ଼ିବ—ଏ କଥା ସମସ୍ତେ ଶୁଣିଲେ । ଆକାଶ-ମାର୍ଗରୁ ହନୁମାନ ଏଥିପାଇଁ ସବୁକିଛୁ ଦୂରତା ମଧ୍ୟ ଠିକ୍ କରିଥିଲେ ।

ବର୍ତ୍ତମାନ ଏହି ଦୂରତା ଭାରତର ଧନୁଷ୍କୋଟିଠାରୁ ଶ୍ରୀଲଙ୍କାର ତାଲାଇମାନାରଠାରୁ—୬୮ କିଲୋମିଟର୍ ; କିନ୍ତୁ ରାମାୟଣ - କଥାକାର

ଏହାର ମାପ ଦେଇ ନାହାନ୍ତି । ସୀତାଙ୍କ ସନ୍ଧାନରେ ଦକ୍ଷିଣକୁ ଯାଇଥିବା ବାନରଦଳ ସମ୍ପାତିଠାରୁ ଖବର ପାଇଥିଲେ ଯେ ସୀତା ଲଙ୍କାରେ ଅଛନ୍ତି । ସେତେବେଳେ ହନୁମାନ ସମୁଦ୍ର ଡେଇଁ ଲଙ୍କା ଯାଆନ୍ତୁ ବୋଲି ଦଳର ଅନ୍ୟମାନେ ଅନୁରୋଧ କରିଥିଲେ । ଗଜ ୧୦, ଗବାକ୍ଷ ୨୦, ଜାମ୍ବବାନ୍ ୯୦ ଓ ଅଙ୍ଗଦ ୧୦୦ ଯୋଜନ ଉଡ଼ିଯାଉଥିବାବେଳେ ଏହାଠାରୁ ବେଶି ଦୂର ଯାଉଥିବା ହନୁମାନଙ୍କୁ ଏ କାମ ଦିଆଗଲା । ଏଥିରୁ ଜଣାଯାଏ ଯେ ଭାରତ ଓ ଶ୍ରୀଲଙ୍କାମଧ୍ୟରେ ଥିବା ନିମ୍ନତମ ଦୂରତା କେତେ ତାହା ରାମାୟଣକାର ଜାଣି ନ ଥିଲେ ।

ଯାହା ହେଉ, ଶୁଖିଲା ରାସ୍ତା ନ ହେଲେ ଏଡ଼େ ବିଶାଳ ବାନରବାହିନୀକୁ ଲଙ୍କାକୁ ନେଇହେବ ନାହିଁ । ଏଥିଲାଗି ରାମଚନ୍ଦ୍ର ଚିନ୍ତିତ ହୋଇପଡ଼ିଲେ ।

ସୁଗ୍ରୀବ ଆଶ୍ୱାସନା ଦେଇ କହିଲେ, "ପ୍ରଭୁ ! ଏ ସମସ୍ୟାକୁ ଦୂର କରିବାପାଇଁ ମୁଁ ଆମ ସାଙ୍ଗରେ ନଳ ଓ ନୀଳଙ୍କୁ ଆଣିଛି । ନଳ ବିଶ୍ୱକର୍ମାଙ୍କ ପୁତ୍ର । ସେ ସଡ଼କ, ବନ୍ଧ ଆଦି ନିର୍ମାଣ କରିବାରେ ଖୁବ୍ ଧୁରନ୍ଧର ।" ରାମଚନ୍ଦ୍ର କହିଲେ, "କିନ୍ତୁ ଏତେ ବଡ଼ ସେତୁଟିଏ କ'ଣ କାଠ ଓ ଗଛ ଡାଳରେ ଗଢ଼ାଯାଇପାରିବ ?"

ନଳ ଓ ନୀଳଙ୍କୁ ଡାକି ପଚରାଗଲା । ସେମାନେ କହିଲେ, "ଏହି ସେତୁ କାଠ ଓ ଡାଳରେ ତିଆରିହୋଇପାରିବ ; କିନ୍ତୁ ଏଡ଼େ ବିଶାଳ ସେନାର ଓଜନ ସମ୍ଭାଳିପାରିବ ନାହିଁ ; ତେଣୁ ବନ୍ଧ ନିର୍ମାଣ କରିବାକୁ ପଡ଼ିବ । ଏଥିପାଇଁ ପଥର ହିଁ ଉପଯୁକ୍ତ ।" ନଳଙ୍କର ନକ୍ସା ଗୃହୀତ ହେଲା ।

ସମୁଦ୍ରର ଲହରୀ ବାଲିଉପରେ ମାଡ଼ିଆସୁଥାଏ । ସେଠାରେ ବାଲି ଉପରେ ବସି ରାମଚନ୍ଦ୍ର ବରୁଣଙ୍କୁ ପ୍ରାର୍ଥନା କଲେ । ବରୁଣ ହେଲେ ସମୁଦ୍ରର ଦେବତା । ସେ ସନ୍ତୁଷ୍ଟ ହେଲେ ଯାଇ ସେତୁ-ନିର୍ମାଣକାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହୋଇପାରିବ ।

କିନ୍ତୁ ରାମଚନ୍ଦ୍ରଙ୍କ ପ୍ରାର୍ଥନାରେ ବରୁଣ ଆସିଲେ ନାହିଁ କି କୌଣସି ସଙ୍କେତ ମଧ୍ୟ ଦେଲେ ନାହିଁ । ରାମଚନ୍ଦ୍ରଙ୍କର କ୍ରୋଧ ହେଲା । ସେ ଧନୁ ଉଠାଇ ତହିଁରେ ଏକ ବିଶେଷ ଅସ୍ତ୍ର ଖଞ୍ଜିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା—ଯଦି ବନ୍ଧ ବାନ୍ଧିବା ଡେରି ହୁଏ, ତେବେ ସେ ସବୁ ପାଣିକୁ ବାଷ୍ପ କରି ଶୁଖାଇଦେବେ ।

ବରୁଣ ଭୀତତ୍ରସ୍ତ ହୋଇ ଉଭା ହେଲେ । ଯୋଡ଼ହସ୍ତରେ ରାମଚନ୍ଦ୍ରଙ୍କୁ ପ୍ରକୃତିର ନିୟମମାନ ବୁଝାଇଲେ—"ସମୁଦ୍ରର ନିୟମ ହେଉଛି ବିଶାଳ ଓ ଗଭୀର ହେବା ଏବଂ ଲହଡ଼ି ସୃଷ୍ଟି କରିବା । ତେଣୁ ଏହାକୁ ଅତିକ୍ରମ କରିବା ଅସମ୍ଭବ । ଯଦି ବାନରମାନେ ବୃକ୍ଷରାଜି ଓ ପାହାଡ଼ଖଣ୍ଡମାନ ସମୁଦ୍ର-ଗର୍ଭରେ ପକାନ୍ତୁ, ମୁଁ ସେଗୁଡ଼ିକୁ ଯଥାସ୍ଥାନରେ ରହିବାର ବ୍ୟବସ୍ଥା କରାଇବି । ତହିଁରେ ଉଚ୍ଚା ରାସ୍ତାଟିଏ ତିଆରିହୋଇଯିବ । ତା'ପରେ ଆପଣଙ୍କ ସୈନ୍ୟ-ସରଞ୍ଜାମ ଆଦି ସୁରୁଖୁରୁରେ ପାରହୋଇପାରିବେ ।"

ନଳ ଏ କାର୍ଯ୍ୟରେ ମୁଖ୍ୟ ଯନ୍ତ୍ରୀ ହେଲେ । ବାନରମାନେ ଦଳ ଦଳ ଭାଗ ହୋଇଗଲେ । ଦଳପତିମାନେ ସବୁ କାମକୁ ତଦାରଖ କରିବାରେ ଲାଗିଲେ । ବଡ଼ ବଡ଼ ଗଛ ଉପୁଡ଼ା ହୋଇ ଆସିଲା, ପାହାଡ଼ ପର୍ବତରୁ ବଡ଼ ବଡ଼ ପଥରଖଣ୍ଡମାନ ଅଣାଗଲା । ନଳଙ୍କ ନକ୍ସା ଅନୁଯାୟୀ ଥାକ ଥାକ ହୋଇ ସମୁଦ୍ରରେ ପଥରଖଣ୍ଡମାନ ପକାଗଲା । ମଝିରେ ମଝିରେ ଗଛଗୁଡ଼ିକର ଶାଖା ପ୍ରଶାଖାମାନ ଥିବାରୁ ପଥରଗୁଡ଼ିକ ବାନ୍ଧିହୋଇ ରହିଲା । ବନ୍ଧ ପାଣି ଛପି ଉପରକୁ ଆସିଗଲାପରେ ଛୋଟ ଛୋଟ କାଠଗଡ଼, ଘାସ, ବାଲି ଓ ମାଟି ପକାଇ ଉପର ଭାଗକୁ ସମତଳ କରାଗଲା ।

ଭାରତ ଓ ଲଙ୍କା ସମୁଦ୍ର ମଧ୍ୟରେ ସଡ଼କ ଉଦ୍‌ଘାଟନ ପର୍ବରେ ଶୁଭ ମନାସି ମୁନିଋଷି ଓ ଦେବଦେବୀମାନେ ଆଶୀର୍ବାଦ କଲେ ।

ବାନରସେନା ସହ ରାମ, ଲକ୍ଷ୍ମଣ ଓ ସୁଗ୍ରୀବ ଦକ୍ଷିଣ ସାଗର ପାର ହୋଇ ଲଙ୍କାରେ ପ୍ରବେଶ କଲେ । ଲଙ୍କାର ରାସ୍ତାଘାଟ ଓ ଅନ୍ୟାନ୍ୟ ସୂଚନା ବିଭୀଷଣଙ୍କଠାରୁ ମିଳିଥିଲା ।

ଲଙ୍କାକୁ ବାହାର ଶତ୍ରୁର ଆକ୍ରମଣରୁ ଯେଉଁ ଦକ୍ଷିଣ ସାଗର ରକ୍ଷା କରୁଥିଲା, ତାହା ଭାରତ-ମହାସାଗରର ପାକ୍ ପ୍ରଣାଳୀ ଓ ମାନ୍ନାର ସାଗର । ତାମିଲନାଡୁର ଧନୁଷ୍କୋଟିଠାରୁ ଶ୍ରୀଲଙ୍କାର ତାଲାଇମାନଭୁର ମଧ୍ୟରେ ୨୮ କିଲୋମିଟରର ଅଗଭୀର ସମୁଦ୍ରରେ ସ୍ଥାନେ ସ୍ଥାନେ ପାହାଡ଼ମାନ ଦେଖାଯାଏ । ମାନଚିତ୍ରରେ ଏହାକୁ ଆଡାମ୍‌ସ୍ ବ୍ରିଜ୍ ନାମ ଦିଆଯାଇଛି । ବାଇବେଲରେ ଆଦିମାନବର ନାମ ଆଡାମ୍ । ଏପରି ନାମକରଣ ରାମାୟଣବର୍ଣ୍ଣିତ ସେତୁବନ୍ଧର ଆଭାସ ଦିଏ ।

ଆଡାମ୍‌ସ ବ୍ରିଜ୍ ଦେଖିଲେ ମନେ ହେବ ଯେ ଏହା ଗୋଟିଏ ଖରାଦିନିଆ ପଥରବନ୍ଧା ରାସ୍ତାର ଚିହ୍ନ ମାତ୍ର । ଧନୁଷ୍କୋଟି ଷ୍ଟେସନ୍‌ଠାରୁ ଶ୍ରୀଲଙ୍କାର ତାଲାଇମାନଭୁର ପର୍ଯ୍ୟନ୍ତ ପ୍ରାୟ ୨୮ କିଲୋମିଟରର ସମୁଦ୍ର ଖଣ୍ଡଖଣ୍ଡିକିଆ ପଥରରେ ଭର୍ତ୍ତି । ଯଦି ପ୍ରକୃତରେ ସେତୁବନ୍ଧ ରାମାୟଣବର୍ଣ୍ଣିତ ଘଟଣା ସମୟରେ ଅର୍ଥାତ୍ ପ୍ରାୟ ୩୦୦୦ ବର୍ଷତଳେ ତିଆରିହୋଇଥାଏ, ସାମୁଦ୍ରିକ ତରଙ୍ଗ ଓ ଅନ୍ୟ ପ୍ରକ୍ରିୟାଯୋଗୁ ସେତୁବନ୍ଧଟି ନଷ୍ଟ ହୋଇ ଆଜିର ଆଡାମ୍‌ସ ବ୍ରିଜ୍‌ଭଳି ଦେଖାଯିବା ଅସମ୍ଭବ ନୁହେଁ ।

ଆମ ଦେଶରେ କେତେଗୁଡ଼ିଏ ନଦୀରେ ଖରାଦିନିଆ ରାସ୍ତା ହୁଏ ; ତହିଁରେ ମଝିରେ ମଝିରେ ଗୋଟିଏ ଦୁଇଟି ଛୋଟ ପୋଲ ଥାଏ । ଏଗୁଡ଼ିକ ଅସ୍ଥାୟୀ । ବନ୍ଧ ଓ ସେତୁର ମିଳନରେ ରାସ୍ତାଟି ସେତୁବନ୍ଧ ହୋଇଥାଏ । କେତେକ ନଦୀରେ କଜ୍ ୱେ (Cause Way) ସ୍ଥାୟୀଭାବରେ ନିର୍ମିତ ହୋଇଥାଏ । ବଢ଼ି ଛାଡ଼ିଗଲେ ତାହା ଯାନବାହନ ଚଳାଚଳରେ ଲାଗେ ।



[ସେତୁ ବନ୍ଧନ]

ଭାରତର ଧନୁଷ୍କୋଟିଠାରୁ ଶ୍ରୀଲଙ୍କାର ତଲାଇମାନାର ୨୮ କିଲୋମିଟର ଦୂର । ଏହାକୁ ଅତିକ୍ରମ କରିବାପାଇଁ ରାମଚନ୍ଦ୍ର ବାନରସେନାମାନଙ୍କ ସାହାଯ୍ୟରେ ପଥର ଡାଳପତ୍ରମାନ ପକାଇ ଗୋଟିଏ ସେତୁବନ୍ଧ ଗଢ଼ିଥିଲେ । ସେତୁ ଅର୍ଥ ପୋଲ । ତା ଉପରେ ବନ୍ଧ । ତଳେ ପାଣି ଯାଇପାରୁଥିବ ଅଥଚ ଉପରେ ଶୃଙ୍ଖଳା ରାସ୍ତା ଥିବ । ସେତେବେଳେ ତ ଚୂନ, ସିମେଣ୍ଟ ନ ଥିଲା । ତେଣୁ ଗଭୀର ପାଣିରେ ଗଛ, ଡାଳ ଓ ପତ୍ର ପକାଇ ରାସ୍ତା କରାଯାଉଥିଲା, ଫାଙ୍କରେ ପାଣି ଯାଇପାରିବ, ଅଥଚ ବନ୍ଧ ଉପରେ ଶୃଙ୍ଖଳାରେ ଯିବା ଆସିବା କରିହେବ ।



[ସମୁଦ୍ରରୁ ଜମି ଉଦ୍ଧାର]

ଆମ ଦେଶରେ ଯେପରି ଖରଦିନିଆ ରାସ୍ତା କରିବାପାଇଁ ନଦୀ ଭିତରେ ତାଳପତ୍ର, କାଠଗଡ଼ ଆଦି ପକାଇ ଦେଇ ତା ଉପରେ ମାଟି ପକାଯାଏ ସେହିପରି ୟୁରୋପର ହଲାଣ୍ଡ ଦେଶରେ ଲୋକେ ସମୁଦ୍ରରେ ବନ୍ଧ ବାନ୍ଧୁଛନ୍ତି । ସଧାସଳଖ ମାଟି ପକାଇଲେ ପାଣିରେ ଧୋଇଯିବ । ଓଲନ୍ଦାଜମାନେ ଅଗଭୀର ସମୁଦ୍ରରେ ଦୁଇଧାଡ଼ିର ବଡ଼ ବଡ଼ କାଠଖୁଣ୍ଟ ପୋତି ମଝିରେ ବଡ଼ ବଡ଼ କାଠଗଣ୍ଡି ବା ପଥର ଭର୍ତ୍ତି କରି ତା ଭିତରେ ବାଲି, ସିମେଣ୍ଟ, ଗୋଡ଼ି ପୁରାଇ ପୁରାପୁରି ନିବୁଜ ବନ୍ଧ ତିଆରି କରୁଛନ୍ତି । ସମୁଦ୍ରରୁ ବିଚ୍ଛିନ୍ନ ହେଉଥିବା ଜଳ ଜମିକୁ ପରେ ନିଷ୍କାସନ କରି ସେମାନେ ନୂଆ ଜମି ତିଆରି କରୁଛନ୍ତି ।

ପୂର୍ବେ ଗୁଡ଼ିଏ କାଠଭେଳା ଯୋଡ଼ି ଭାସମାନ ସେତୁ ଗଢ଼ାଯାଉଥିଲା । ପରେ ଡଙ୍ଗାକୁ ଡଙ୍ଗା ଯୋଡ଼ି ଏହିଭଳି ସେତୁମାନ ତିଆରିକରାହେଲା । ଯେଉଁ ହାଲୁକା ଡଙ୍ଗାସବୁ ଯୋଡ଼ାଯାଇ ତା' ଉପରେ ପଟା ବିଛାଗଲା, ସେପ୍ରକାର ଡଙ୍ଗାକୁ ଇଂରାଜୀରେ ପଣ୍ଟୁନ୍ କୁହାଗଲା । ଭାସମାନ ସେତୁ ହେଲା ପଣ୍ଟୁନ୍ ବ୍ରିଜ୍ । ଯୁଦ୍ଧରେ ଟ୍ୟାଙ୍କ୍ ଭଳି ଓଜନଦାର ଗାଡ଼ି ବ୍ୟବହାର ହେବାଯୋଗୁ ଇସ୍ପାତର ପଣ୍ଟୁନ୍ ତିଆରିହେଲା । ସମୁଦ୍ରରେ ସ୍ରୋତ ବା ବଡ଼ ଧରଣର ଲହଡ଼ି ନ ଥିଲେ ପଣ୍ଟୁନ୍ ବ୍ରିଜ୍ ବ୍ୟବହୃତ ହୋଇପାରିବ, ନଚେତ୍ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯିବ । ଜୋରରେ ପବନ ବହୁଥିବା ବା ବଡ଼ ଲହଡ଼ି ଥିବା ଅଗଭୀର ସମୁଦ୍ରରେ କାଠ-ପଥରର ବନ୍ଧ ବାନ୍ଧିବା ଶ୍ରେୟସ୍କର । କାଠ ଥିବାଯୋଗୁ ପଥର ପଥର ଭିତରେ ଫାଙ୍କ ରହେ, ପାଣି ଏପାଖ-ସେପାଖ ହୋଇପାରେ ; କିନ୍ତୁ ବନ୍ଧ ଅତୁଟ ରହେ । ଏ ପ୍ରକାର ବନ୍ଧ ବେଶିଦିନ ତିଷ୍ଠି ନ ଥାଏ ; କିନ୍ତୁ ସାମାନ୍ୟରେ ଯୁଦ୍ଧଭଳି ଅଳ୍ପ କେତୋଟି ମାସପାଇଁ ତିଷ୍ଠି ରହେ ।

ସମୁଦ୍ରକୁ ପୂରା ଅଟକାଇବାଭଳି ବନ୍ଧା ବନ୍ଧ ଓଲନ୍ଦାଜମାନେ ତିଆରିକରିଛନ୍ତି । ହଲାଣ୍ଡ୍ ବା ନେଦରଲାଣ୍ଡ୍ ଦେଶର ଅଧିକାଂଶ ଅଞ୍ଚଳ ସମୁଦ୍ର ପତ୍ତନରୁ ନିମ୍ନରେ । ସମୁଦ୍ରକବଳରୁ ଜମି ଉଦ୍ଧାର କରିବାପାଇଁ ଓଲନ୍ଦାଜ୍ ଇଞ୍ଜିନିୟରମାନେ ପ୍ରଥମେ ଅଗଭୀର ସମୁଦ୍ରର କିଛି ଅଂଶରେ ଘେରାବନ୍ଧ କରି ବିଚ୍ଛିନ୍ନ କରିଦିଅନ୍ତି । ତା'ପରେ ପମ୍ପ୍ କରି ପାଣି କାଢ଼ିଦିଅନ୍ତି । ଶୁଖିଲା ଜମି ଚାଷବାସପାଇଁ ଆବାଦ ହୋଇଯାଏ । ହଲାଣ୍ଡ୍‌ର ଜୁଇଡର ଜି ନାମକ ପ୍ରାନ୍ତ ପାଞ୍ଚ ଲକ୍ଷ ଏକର ଅଞ୍ଚଳ ୧୯୬୦ ମସିହାରେ ହିଁ ଆବାଦ ହେଲା ; କିନ୍ତୁ ବନ୍ଧ ବାନ୍ଧିବା କାମ ୧୯୨୪ରୁ ୧୯୩୨ ଯାଏ ଚାଲିଥିଲା । ତା'ପରେ ହ୍ରଦ ହୋଇଯାଇଥିବା ଅଞ୍ଚଳରୁ ସମୁଦ୍ରଭିତରକୁ ଜଳ ନିଷ୍କାସନ କରାଗଲା । ଅଗଭୀର ସମୁଦ୍ରରେ କାଠ ଓ କଂକ୍ରିଟ୍‌ର ଖୁଣ୍ଟ ପୋତି ତହିଁରେ

ପଥର, କାଦୁଅ, ମାଟି ଆଦି ଡାଳି ଓଲନ୍ଦାଜ୍‌ମାନେ ଯେଉଁ ବନ୍ଧ କରନ୍ତି, ତାହାକୁ ଡାଇକ୍ କୁହାଯାଏ । ରାମାୟଣର ସେତୁବନ୍ଧ ଏହିଭଳି ଗୋଟିଏ ଡାଇକ୍ ଥିଲା । ଏହା କେବଳ ଯୁଦ୍ଧ ଉଦ୍ଦେଶ୍ୟରେ ହୋଇଥିବାରୁ ଏବଂ ମରାମତି ଅଭାବରୁ ଓଲନ୍ଦାଜ୍ ଡାଇକ୍‌ଭଳି ସ୍ଥାୟୀ ହୋଇ ରହି ନାହିଁ । ସ୍ଥାୟୀ ହୋଇଥିଲେ ବୋଧ ହୁଏ ଶ୍ରୀଲଙ୍କାରେ ତାମିଲ ସମସ୍ୟା ନ ଆଆନ୍ତା ।

ଓଲନ୍ଦାଜ୍‌ମାନେ ବିଂଶ ଶତାବ୍ଦୀରେ ଯାହା କରୁଛନ୍ତି, ତିନି ହଜାର ବର୍ଷତଳେ ଆମର ଆଦିମ ଅଧିବାସୀମାନେ ତାହା କରିପାରିଥିଲେ ।

# ରାବଣ ଦଶାନନ ହେବା ସତ୍ୟ ନା କଳ୍ପନା

ଇନ୍ଦ୍ରଜିତଙ୍କୁ ହରାଇ ରାବଣ ବଡ଼ ଚିନ୍ତିତ ହୋଇପଡ଼ିଲେ । ଆଉ କେହି ଯୋଦ୍ଧାନାମବାଚ୍ୟ ନ ଥିଲେ । ତେଣୁ ସ୍ୱୟଂ ରାବଣଙ୍କୁ ଯୁଦ୍ଧକ୍ଷେତ୍ରକୁ ଯିବାକୁ ପଡ଼ିଲା । ଦୁର୍ଗଭିତରୁ ବାହାରିଲାବେଳେ ତାଙ୍କୁ କେତେକ ଅମଙ୍ଗଳ ସଙ୍କେତ ଦେଖାଗଲା ।

ବାନରମାନେ ବିଜୟଗର୍ବରେ ଖୁବ୍ ଉତ୍ସାହିତ ଥିଲେ । ସେମାନଙ୍କ ପଥର, ଗଛ ଓ ତୀରମାଡ଼ରୁ ନିଜକୁ ବଞ୍ଚାଇ ରାବଣ ଆଗେଇଗଲେ । ଲକ୍ଷ୍ମଣ ତାଙ୍କ ପଥରେ ବାଧା ସୃଷ୍ଟି କଲେ । ତଥାପି ରାବଣ ତାଙ୍କୁ ଏଡ଼ାଇ ରାମଚନ୍ଦ୍ରଙ୍କ ସମ୍ମୁଖୀନ ହେଲେ ।

ରାବଣଙ୍କର ସବୁ କ୍ରୋଧ ସତେ ଯେପରି ଅଜାଡ଼ିହୋଇ-ପଡ଼ିଲା । ଦୁହିଁଙ୍କଭିତରେ ଘମାଘୋଟ ଯୁଦ୍ଧ ଲାଗିଗଲା । ଅସଂଖ୍ୟ ତୀରବର୍ଷଣଯୋଗୁ ଆକାଶ ଅନ୍ଧକାରାଚ୍ଛନ୍ନ ହୋଇଗଲା । ରୁଷିଆ ଓ ଆମେରିକାମଧ୍ୟରେ ଯଦି କେବେ ତାରକା ଯୁଦ୍ଧ ହୁଏ, ପୃଥିବୀ ସେହିପରି ଅନ୍ଧକାରମୟ ହୋଇଯିବ ବୋଲି ବୈଜ୍ଞାନିକମାନେ କହନ୍ତି ।

ଦୁଇ ଜଣଯାକ ଏକରୁ ଆରେକ ବଳୀୟାନ୍ । ରାମଚନ୍ଦ୍ର ବସିଥିଲେ ହନୁମାନଙ୍କ କାନ୍ଧରେ ଓ ରାବଣ ନିଜ ରଥରେ । ଦୁହିଁଙ୍କ ରଣ-କୌଶଳରେ ସ୍ୱର୍ଗର ଦେବତାମାନେ ଚମତ୍କୃତ ହୋଇଯାଉଥିଲେ । ବାନର ଓ ରାକ୍ଷସ ଯୋଦ୍ଧାମାନେ ନିଜର ଯୁଦ୍ଧ ଭୁଲିଯାଇ ଏହି ଦୁଇ ଜଣଙ୍କ ଲଢ଼େଇକୁ ଜୁଳୁଜୁଳୁ କରି ଚାହିଁରହୁଥିଲେ ।

ରାବଣ ଯେପରି ଆକ୍ରମଣ କରୁଥାଆନ୍ତି, ରାମଚନ୍ଦ୍ର ସେହିପରି ପ୍ରତିରୋଧ କରୁଥାଆନ୍ତି । ରାବଣ ଯେତେଯେତେ ଶକ୍ତିଶାଳୀ ଅସ୍ତ୍ର ବ୍ୟବହାର କରୁଥାଆନ୍ତି, ରାମଚନ୍ଦ୍ର ତାʼଠାରୁ ଆହୁରି ଅଧିକ ଶକ୍ତିଶାଳୀ ଅସ୍ତ୍ରରେ ତାକୁ ଧ୍ୱଂସ କରୁଥାଆନ୍ତି । ଏହା ସତ୍ତ୍ୱେ ସେ ରାବଣକୁ କୌଣସିମତେ ଅକ୍ଷମ କରିପାରିଲେ ନାହିଁ । ରାବଣର ହାତ ଓ ଗୋଡ଼ରେ ତାଙ୍କର ଅନେକ ତୀର ବାଜି ହେଲା ; ତଥାପି ରାବଣ ସଜାଗ ଓ ସତେଜ ଥାଆନ୍ତି ।

ରାବଣଙ୍କ ରଥକୁ ମୁହାଁମୁହିଁ କରିବାର ସୁବିଧା ଦେବାପାଇଁ ଇନ୍ଦ୍ର ତାଙ୍କ ରଥସହିତ ସାରଥି ମାତଳିଙ୍କୁ ରାମଚନ୍ଦ୍ରଙ୍କ ନିକଟକୁ ପଠାଇଲେ । ପ୍ରଣାମ କରି ମାତଳି କହିଲା, "ଇନ୍ଦ୍ରଦେବଙ୍କ ପ୍ରେରିତ ଏହି ରଥରେ ବସି କରି ଦେବଗଣଙ୍କୁ ରାବଣଙ୍କୁ ବଧ କରନ୍ତୁ ।"

ରଥରେ ବସି ରାମଚନ୍ଦ୍ର ପୁନର୍ବାର ଯୁଦ୍ଧ ଆରମ୍ଭ କଲେ । ବଶିଷ୍ଠ ଅସ୍ତ୍ର ପ୍ରୟୋଗ କରି ସେ ରାବଣର ଶିରଚ୍ଛେଦ କଲେ । ଆଶ୍ଚର୍ଯ୍ୟର କଥା, ମୁଣ୍ଡଟି ତଳକୁ ଖସିବାକ୍ଷଣି ଆଉ ଗୋଟିଏ ମୁଣ୍ଡ ଜନ୍ମ ନେଲା । ରାମଚନ୍ଦ୍ର ବାରମ୍ବାର ଶିରଚ୍ଛେଦନ କରି ପ୍ରତିଥର ନୂଆ ମୁଣ୍ଡ ଦେଖିବାକୁ ପାଇଲେ । ମରିବା ତ ଦୂରର କଥା, ରାବଣ ଆହତ ହେଲାଭଳି ମଧ୍ୟ ଜଣାଯାଉ ନ ଥିଲା ।

ରାବଣର ମୃତ୍ୟୁରହସ୍ୟ ଜାଣିଥିବା ବିଭୀଷଣ କହିଲେ, "ରାବଣ ବ୍ରହ୍ମାଙ୍କ ବର ପାଇଥିବାରୁ ତାଙ୍କୁ କୌଣସି ଅସ୍ତ୍ର କାଟି କରିବ



[ରାବଣର ଦଶମୁଣ୍ଡ]

ରାମାୟଣରେ ବର୍ଣ୍ଣିତ ଅଛି ଯେ ରାମଚନ୍ଦ୍ର ଯେତେଥର ରାବଣର ମୁଣ୍ଡ କାଟି ଦେଉଥାନ୍ତି ସେତେଥର ରାବଣର ବେକରୁ ଆଉ ଗୋଟିଏ ମୁଣ୍ଡ ଜନ୍ମ ନେଉଥାଏ । ଯେଉଁ ଅଙ୍ଗ ବାରମ୍ବାର ଗଜୁରି ଉଠେ ତାକୁ ନଷ୍ଟ କରିହେବ ନାହିଁ । ଶରୀରଟିକୁ ପୂରାପୂରି ନଷ୍ଟ ହେବାପାଇଁ ଯେଉଁ ଅଙ୍ଗ ଶରୀରକୁ ନିୟନ୍ତ୍ରଣ କରୁଛି ତାକୁ ନଷ୍ଟ କରିବାକୁ ପଡ଼ିବ । ତେଣୁ ବିଭୀଷଣ ରାମଙ୍କୁ କହିଲେ ଯେ ରାବଣର ନାଭିକୁ ବ୍ରହ୍ମାସ୍ତ୍ର ପ୍ରୟୋଗ କରନ୍ତୁ । ନାଭି ହିଁ ରାବଣର ଶରୀର ନିୟନ୍ତ୍ରକ ବା ଜୀବନୀ-ଶକ୍ତିର କେନ୍ଦ୍ର ଥିଲା ।



[ପ୍ଲାନାରିଅନ ଓ ଷ୍ଟାରଫିସ୍]

ଛିଣ୍ଡା ଅଙ୍ଗରୁ ସମ୍ପୂର୍ଣ୍ଣ ଶରୀର ଗଢ଼ି ପକାଇବାର କ୍ଷମତା ପ୍ଲାନାରିଅନ ଭଳି କେତେକ ଛୋଟ ଓ ପୁରାତନ ଜୀବର ଅଛି । ଦୁଇ ସେଣ୍ଟିମିଟରରୁ କମ୍ ଲମ୍ବ, ଜୋକ ଭଳି ଦିଶୁଥିବା ପ୍ଲାନାରିଅନ୍‌ର ମୁଣ୍ଡକୁ କାଟିଦେଲେ ନୂଆ ମୁଣ୍ଡଟିଏ ଗଜୁରିବ । ମୁଣ୍ଡକୁ ଦୁଇଭାଗ କରି କାଟି ଦେଲେ, ପ୍ରତ୍ୟେକ ଭାଗ ଗୋଟିଏ ନୂଆ ମୁଣ୍ଡ ହୋଇଯିବ । ଯଦି ଲାଞ୍ଜଟି କଟାଯାଏ ତେବେ ନୂଆ ଲାଞ୍ଜଟିଏ ଗଜୁରିବ । କଟିଯାଇଥିବା ଅଂଶରୁ ନୂଆ ଗୋଡ଼ ତିଆରି ହେବ । ଜନ୍ତୁ ଯେତେ ଉନ୍ନତ ତାର ପୁନର୍ଜୀବନ ବା ନବୀକରଣ ଶକ୍ତି ସେତେ କମ୍ । ଜିଆର ମୁଣ୍ଡ କଟିଗଲେ ନୂଆ ମୁଣ୍ଡ ହେବ କିନ୍ତୁ ଝିଟିପିଟିର କେବଳ ଲାଞ୍ଜ କଟିଗଲେ ଲାଞ୍ଜ ହେବ, କିନ୍ତୁ ମୁଣ୍ଡ କଟିଗଲେ ମୁଣ୍ଡ ହେବ ନାହିଁ । ରାବଣର ଏକାଧିକ ମୁଣ୍ଡ ହେବା ପ୍ଲାନାରିଅନ୍ ଭଳି ପ୍ରାଣୀର ଶକ୍ତି ଯୋଗୁ ହୋଇଥିବ ।

ନାହି । କେବଳ ବ୍ରହ୍ମାସ୍ତ୍ର କାମ କରିବ; ତାହା ପୁଣି ନାଭିରେ ପ୍ରବେଶିବା ଦରକାର । ରାବଣଙ୍କ ଜୀବନୀଶକ୍ତି ତାଙ୍କ ନାଭିରେ ।"

ବିଭୀଷଣଙ୍କୁ ଧନ୍ୟବାଦ ଜଣାଇ ରାମଚନ୍ଦ୍ର ଧନୁରେ ବ୍ରହ୍ମାସ୍ତ୍ର ଖଞ୍ଜିଲେ । ଲକ୍ଷ୍ୟ କରି ବାଣ ଛାଡ଼ିଲେ । ମେଦିନୀ କମ୍ପିଉଠିଲା । କ୍ଷଣକପାଇଁ ସମସ୍ତଙ୍କ କାନ ସ୍ତବ୍ଧ ହୋଇଗଲା । ସମସ୍ତେ ଦେଖିଲେ, ଗୋଟିଏ ଆଲୋକର ସ୍ରୋତ ରାବଣଙ୍କ ନାଭିଦେଇ ଶରୀରରେ ପ୍ରବେଶ କଲା । ତାଙ୍କ ମୃତଶରୀର ରଥରୁ ଢଳିପଡ଼ିଲା ।

ରାବଣ ଅଙ୍ଗଜନୀକରଣ ବା ରିଜେନେରେଶନ୍ (regeneration) ଉପଧ୍ୟା ଅକ୍ତିଆର କରିଥିଲେ । ଯେଉଁ ସୂତ୍ରରୁ ପୁନରୁତ୍ପତ୍ତି ଶକ୍ତି ଆସୁଛି, ତାକୁ ନଷ୍ଟ ନ କଲେ ପୁଣି ନୂଆ ଅଙ୍ଗ ବାହାରୁଥିବ । ବିଭୀଷଣଙ୍କ ଉପଦେଶ ଥିଲା ସମ୍ପୂର୍ଣ୍ଣ ଶରୀରଟିକୁ ନଷ୍ଟ କରିବାପାଇଁ ।

ପ୍ରାୟ ୨୦୦ ବର୍ଷତଳେ ମୋତି ଶାମୁକା ଖୋଜିବାବେଳେ ବୁଡ଼ାଳିମାନେ ସମୁଦ୍ରରେ ଗୋଟିଏ ବଡ଼ ଅସୁବିଧାର ସମ୍ମୁଖୀନ ହେଉଥିଲେ । ସମୁଦ୍ରତଳେ ଶାମୁକା ; ତା'ଉପରେ ଷ୍ଟାର୍ ଫିସ୍-ମାନଙ୍କ ଆବରଣ । ଅସଂଖ୍ୟ ଷ୍ଟାର୍ ଫିସ୍ ଛାଇହୋଇଥିବାବେଳେ ସମୁଦ୍ରତଳର ବାଲି ବା ଅନ୍ୟ କୌଣସି ପ୍ରାଣୀ ବାରିହେଉ ନ ଥିଲା । ମୁକ୍ତାସଂଗ୍ରାହକମାନେ ଡ୍ରେଜର୍ ଲଗାଇ ଷ୍ଟାର୍ ଫିସ୍‌ଗୁଡ଼ିକୁ ଉପରକୁ ଆଣୁଥିଲେ । (ତାରକାଭଳି ପାଞ୍ଚଟି ବାହୁ ଥିବାରୁ ଏହି ସାମୁଦ୍ରିକ ପ୍ରାଣୀର ନାମ ଷ୍ଟାର୍ ଫିସ୍ ବା ତାରକା ମାଛ ।) ସେମାନଙ୍କ ପାଞ୍ଚ ବାହୁକୁ ଛିଣ୍ଡାଇଦେଇ ପାଣିକୁ ଫୋପାଡ଼ିଦେଉଥିଲେ । ବୁଡ଼ାଳିମାନଙ୍କ ବିଶ୍ୱାସ ଥିଲା, ତାରକା ମାଛମାନେ ମରିଗଲେ, ମୋତିଶାମୁକା ଖୋଜିବା ସହଜ ହେବ ।

ଫଳ କିନ୍ତୁ ବିପରୀତ ହେଲା । ଗଣ୍ଡିରୁ ତ ନୂଆ ବାହୁ ତଆରିହେଲା ; ପ୍ରତି ବିଚ୍ଛିନ୍ନ ଅଙ୍ଗରୁ ଗୋଟିଏ ଲେଖାଏଁ ପୂର୍ଣ୍ଣ

ଶରୀର ତିଆରିହୋଇଗଲା । ବୁଡ଼ାଳିମାନଙ୍କ ଧ୍ୱଂସକାମ ଅଧିକ ତାରକା ମାଛସୃଷ୍ଟିର କାରଣ ହେଲା ।

ନିଜର ଅଙ୍ଗ-ପ୍ରତ୍ୟଙ୍ଗକୁ ଫେରାଇଆଣିବାର ଅଦ୍ଭୁତ ଶକ୍ତି କେବଳ ଏହି ସ୍ଥାଣୁ ଜୀବମାନଙ୍କର ଅଛି, ତା ନୁହେଁ ; କଙ୍କଡ଼ାଭଳି କେତେକ ପ୍ରାଣୀ ଲଢ଼େଇବେଳେ ଗୋଡ଼ ବା ନଖ ହରାଇଥିଲେ ମଧ୍ୟ ହେଳାରେ ହରାଇଥିବା ଗୋଡ଼ ବା ନଖ ପୁଣି ଥରେ ନିଜ ଦେହରୁ ଜନ୍ମ କରିପାରନ୍ତି । ଝିଟିପିଟି ଓ କେତେକ ପ୍ରକାର ଏଣ୍ଡୁଅ ଶତ୍ରୁକୁ ଭଣ୍ଡାଇବାପାଇଁ ନିଜ ନିଜ ଲାଞ୍ଜ ଛିଡ଼ାଇ ପକାଇଦିଅନ୍ତି । ଛଟପଟ ହେଉଥିବା ଲାଞ୍ଜକୁ ଅସଲ ଜୀବ ଭାବି ଶତ୍ରୁ ସେଇଠାରେ ରହିଯାଏ । ଏଣେ ଲଞ୍ଜା ଯାଇଥିବା ଝିଟିପିଟି ବା ସାଲାମାଣ୍ଡାର ନୂଆ ଲାଞ୍ଜ ତିଆରିକରିନିଏ । ଜିଆର ମୁଣ୍ଡ କଟିଗଲେ ମଧ୍ୟ ଗୋଟିଏ ନୂଆ ମୁଣ୍ଡ ଜନ୍ମ ଦେଇପାରେ ।

ଅତି କ୍ଷୁଦ୍ର ଅଂଶରୁ ସମ୍ପୂର୍ଣ୍ଣ ଶରୀରର ପୁନର୍ଗଠନ କରିବାର କ୍ଷମତା ପ୍ଲାନାରିଆନ୍‌ଭଳି କେତେକ ପୋକ ଓ ସୁନ୍ଦର ଜୀବଙ୍କର ଅଛି । ପ୍ଲାନାରିଆନ୍ ଏଥିମଧ୍ୟରୁ ସବୁଠାରୁ ଜଣେ । ଦେଖିବାକୁ ଜୋକଭଳି ; ଏଗୁଡ଼ିକର ଲମ୍ବ ଦୁଇ ସେଣ୍ଟିମିଟର ପାଖାପାଖି । ପ୍ଲାନାରିଆନ୍‌ର ମୁଣ୍ଡ କାଟିଦିଆଗଲେ ନୂଆ ମୁଣ୍ଡଟିଏ ସେହି ସ୍ଥାନରେ ବଢ଼ିବ । ଯଦି ଲାଞ୍ଜଟିଏ କଟାଯାଏ, ନୂଆ ଲାଞ୍ଜଟିଏ ଗଜୁରିବ । ଯଦି ତା'ର ଶରୀରକୁ ତିନୋଟି ସମାନ ଖଣ୍ଡରେ କାଟିଦିଆଯାଏ, ତେବେ କଣ୍ଠାମୁଣ୍ଡରୁ ବାକି ଦେହ ଲାଞ୍ଜ ସହିତ ପୁଣି ଜାତ ହେବ, ଲାଞ୍ଜଖଣ୍ଡର ଅଂଶରୁ ମୁଣ୍ଡ ସହିତ ବାକି ଦେହ ସୃଷ୍ଟି କରିବ ଏବଂ ମଝି ଅଂଶରୁ ଠିକ୍ ସେହିପରି ଗୋଟିଏ ମୁଣ୍ଡ ଓ ଗୋଟିଏ ଲାଞ୍ଜ ବଢ଼ିବ । ଆହୁରି ଆଶ୍ଚର୍ଯ୍ୟ, ଯଦି ପ୍ଲାନାରିଆନ୍‌ର ମୁଣ୍ଡକୁ ଦୁଇ ଫାଳ କରିଦିଆଯାଏ ଓ ଦୁଇ ଫାଳକୁ ଯୋଡ଼ିହେବାର ସୁଯୋଗ ନ ଦିଆଯାଏ, ତେବେ ପ୍ରତି ମୁଣ୍ଡ ଖଣ୍ଡରୁ ପୂର୍ଣ୍ଣ ମୁଣ୍ଡ ବଢ଼ିବ ଅର୍ଥାତ୍ ତା'ର ଦୁଇଟି ମୁଣ୍ଡ

ହୋଇଯିବ । ସେହିପରି ମୁଣ୍ଡକୁ ଦଶ ଥାଲି କରି ଯୋଡ଼ିହେବାର ସୁଯୋଗ ନ ଦେଲେ ସ୍ନାନାଗୃଆନ୍ତି ଦଶାନନ ବା ରାବଣ ହୋଇ-ପାରିବ । ରାବଣଙ୍କର ଏକ ସଙ୍ଗରେ ଦଶଟି ମୁଣ୍ଡ ଥିଲା ବୋଲି କେତେକେ କହନ୍ତି । ଏହା ଅସମ୍ଭବ । କାରଣ, ଦଶଟି ମୁଣ୍ଡରୁ ଦଶ ପ୍ରକାରର ନିର୍ଦ୍ଦେଶ ବାହାରିବ, ସେସବୁକୁ ନିୟନ୍ତ୍ରଣ କରିବାପାଇଁ ଗୋଟିଏ ସୁପର୍ କେନ୍ଦ୍ର ଦରକାର ହେବ । ତେଣୁ ସମ୍ଭବତଃ ରାବଣ ମୁଣ୍ଡ ପୁନରୁତ୍ପତ୍ତି କରିବାର ଶକ୍ତି ପାଇଥିଲେ । ଏକାଧିକ ମୁଣ୍ଡ ଉତ୍ପନ୍ନ କରିପାରୁଥିବାର ଶକ୍ତି ଥିବାରୁ ରାବଣଙ୍କୁ ଦଶାନନ, ଦଶଶିର ଆଦି ନାମ ଦିଆଯାଇଛି ।

ବୈଜ୍ଞାନିକମାନେ ଗବେଷଣା କରି ଦେଖିଲେଣି ଯେ ଲାଞ୍ଜ ଛିଣ୍ଡିଗଲାପରେ ଝିଟିପିଟି କିଛି ସମୟ ସ୍ଥିର ହୋଇ ପଡ଼ିରହେ ; ତା'ର ଅଙ୍ଗସ୍ଥାନର ଚାରିପଟେ ଭୀଷଣ ବିଦ୍ୟୁତ୍‌ଚୁମ୍ବକୀୟ କ୍ଷେତ୍ର ତିଆରିକରେ । ଏକକେନ୍ଦ୍ରୀଭୂତ ଧ୍ୟାନଦ୍ୱାରା ସୃଷ୍ଟ ବିଦ୍ୟୁତ୍‌ଚୁମ୍ବକୀୟ ଶକ୍ତି ଅଙ୍ଗ ପୁନରୁତ୍ପତ୍ତି କରାଏ । ବୋଧ ହୁଏ, ରାବଣ ମୁଣ୍ଡ ହରାଇବା-ପରେ ତାଙ୍କ ଧ୍ୟାନକୁ ଏତେ ପ୍ରବଳଭାବରେ କେନ୍ଦ୍ରୀଭୂତ କରିପାରୁ-ଥିଲେ, ଯାହାଫଳରେ ତାଙ୍କ ଦେହରେ ସଘନ ବିଦ୍ୟୁତ୍‌ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି ହେଉଥିଲା ଓ ଗୋଟିଏ ମୁଣ୍ଡର ଉତ୍ପତ୍ତି ହେଉଥିଲା । ବୈଜ୍ଞାନିକମାନେ କହନ୍ତି, ଏ ପ୍ରକାର ଶକ୍ତି ହାସଲ କରିପାରିଲେ ଆମେ ଆଉ ଗୋଡ଼ହାତ କଟିଯିବାକୁ ଡରିବା ନାହିଁ ; ସାଙ୍ଗେ ସାଙ୍ଗେ ନୂଆ ଗୋଡ଼ ବା ହାତ ଉତ୍ପନ୍ନ କରିପାରିବା ।

ଅଷ୍ଟାଦଶ ଶତାବ୍ଦୀରେ ୟୁରୋପର ମୁକ୍ତାଉତ୍ତୋଳନକାରୀ-ମାନେ ଷ୍ଟାର୍ ଫିସ୍‌ର ପୁନର୍ଜନନ ଶକ୍ତି ଜାଣି ନ ଥିଲେ, କିନ୍ତୁ ୩୦୦୦ ବର୍ଷତଳେ ରାମାୟଣ-ରଚୟିତାଙ୍କର ଏ ବିଷୟରେ ଜ୍ଞାନ ଥିଲା ; ନଚେତ୍ ସେ ଦଶାନନର କଳ୍ପନା କରିପାରି ନ ଥାଆନ୍ତେ ।

● ● ●

# କୁମ୍ଭକର୍ଣ୍ଣ ନିଦ୍ରାର ବୈଜ୍ଞାନିକ ତତ୍ତ୍ୱ

ନିଜର ଶାରୀରିକ ବଳରେ ସନ୍ତୁଷ୍ଟ ନ ହୋଇ ଅଧିକ ଶକ୍ତି ପାଇବାପାଇଁ ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣ ତିନି ଭାଇ ବ୍ରହ୍ମାଙ୍କୁ ତପସ୍ୟା କଲେ । ସେମାନଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମା ଆବିର୍ଭୂତ ହେଲେ ।

ଇନ୍ଦ୍ର ଥରେ କୁମ୍ଭକର୍ଣ୍ଣଠାରୁ ପରାସ୍ତ ହୋଇଥିଲେ । କୁମ୍ଭକର୍ଣ୍ଣ ପ୍ରତି ବ୍ରହ୍ମା ପ୍ରସନ୍ନ ହୋଇଛନ୍ତି ଦେଖି ସେ ପ୍ରମାଦ ଗଣିଲେ । କୁମ୍ଭକର୍ଣ୍ଣର ଶକ୍ତି କିପରି ଖର୍ବ ହେବ, ତା'ର ଉପାୟ ଚିନ୍ତା କଲେ ।

ସେ ସରସ୍ୱତୀଙ୍କ ପାଖକୁ ଦୌଡ଼ିଲେ । ସରସ୍ୱତୀଙ୍କ ଅନ୍ୟ ନାମ ବାଗ୍‌ଦେବୀ । ଆମେ କିପରି କ'ଣ କହିବା, ତାହା ସେ ନିୟନ୍ତ୍ରଣ କରନ୍ତି । ଇନ୍ଦ୍ର ସାହାଯ୍ୟ ପ୍ରାର୍ଥନା କରି କହିଲେ, "ଦେବୀ, କୁମ୍ଭକର୍ଣ୍ଣ ବ୍ରହ୍ମାଙ୍କୁ ବର ମାଗିଲାବେଳେ ଆପଣ ତା କଣ୍ଠରେ ବିଜେ କରନ୍ତୁ, ଯେପରି……"

ସରସ୍ୱତୀ କହିଲେ, "ମୁଁ ସବୁ କଥା ବୁଝିପାରୁଛି । କ'ଣ କରିବାକୁ ହେବ, ତାହା ମୋ ଉପରେ ଛାଡ଼ିଦିଅନ୍ତୁ ।"



[କୁମ୍ଭକର୍ଣ୍ଣର ନିଦ୍ରା]

ବର୍ଷରେ ୬ ମାସପାଇଁ କୁମ୍ଭକର୍ଣ୍ଣ ଶୋଇ ରହିବ ବୋଲି ବ୍ରହ୍ମା ବର ଦେଇଥିଲେ । ଛ ମାସ ପରେ ସେ ଆପେ ଆପେ ଉଠିଯିବ । ଆଗରୁ ଉଠିଲେ ତାର ଜୀବନ ବିପନ୍ନ ହେବ । କିନ୍ତୁ ସେ ଆଗରୁ ଉଠିବ କିପରି ? ମଣିଷର ନାକ ଭିତରେ ସୁସ୍ୱାଦୁ ଖାଦ୍ୟର ବାସନା ପଶିଲେ ତାର ନିଦ ଭାଙ୍ଗିଯିବ ଏ ଧାରଣା ଯୋଗୁଁ କୁମ୍ଭକର୍ଣ୍ଣ ପାଖରେ ସୁସ୍ୱାଦୁ ଖାଦ୍ୟ ରଖାଯାଇ ତାକୁ ଉଠାଇଲେ ।



[ବେଙ୍ଗର ଶୀତନିଦ୍ରା]

କେତେକ ପ୍ରାଣୀ ଏଭଳି ତିଆରି ଯେ ଖାଦ୍ୟ ଅଭାବ ଥିଲାବେଳେ ନିଜକୁ ବଞ୍ଚାଇବା ଲାଗି ସେମାନେ ନିଦ ଯାଆନ୍ତି, ଗୋଟିଏ ସୁରକ୍ଷିତ ସ୍ଥାନରେ ଅନାହାରରେ ଲୁଚି ରହନ୍ତି । ବେଙ୍ଗ ଏଭଳି ଗୋଟିଏ ଜୀବ । ବର୍ଷା ହେଲେ ମାଟି ଓଦା ହୁଏ ଓ ବିଭିନ୍ନ ପ୍ରକାରର ପୋକ ବଢ଼ନ୍ତି, ଗଛପତ୍ର ବଢ଼େ । ପ୍ରଚୁର ଖାଦ୍ୟ ମିଳିବାର ବାସନା ଓଦା ମାଟି ବାଟେ ବେଙ୍ଗକୁ ମାଲୁମ ହୁଏ । ତେଣୁ ବର୍ଷା ଆରମ୍ଭରେ ସେ ମାଟି ଫଟାଇ ଉପରକୁ ଉଠିଆସେ । କୁମ୍ଭକର୍ଣ୍ଣଙ୍କର ନିଦ୍ରା-ଭଙ୍ଗସହିତ ଖାଦ୍ୟର ବାସନାର ଯେଉଁ ସମ୍ପର୍କ ତାହା ଏହି ବେଙ୍ଗଭଳି ଜୀବ-ମାନଙ୍କର ଶୀତ ନିଦ୍ରା ଭାଙ୍ଗିବାର କାରଣରୁ ଅନୁମାନ କରାଯାଇଛି ।

କୁମ୍ଭକର୍ଣ୍ଣ ବ୍ରହ୍ମାଙ୍କୁ ବର ମାଗିଲା, "ପ୍ରଭୁ, ମୋତେ ଯେପରି ସବୁବେଳେ ଭଲ ନିଦ ହେବ, ଏହି ବର ଦିଅନ୍ତୁ ।"

ବ୍ରହ୍ମାଙ୍କ ମୁହଁରୁ 'ତଥାସ୍ତୁ' ବାହାରୁ ବାହାରୁ ରାବଣ ବ୍ୟସ୍ତ ହୋଇ ବ୍ରହ୍ମାଙ୍କୁ ପ୍ରାର୍ଥନା କଲା, "ଆପଣଙ୍କ ବର ଯାଚକର ମଙ୍ଗଳ କରିବା କଥା, କିନ୍ତୁ ଏପରି ବର ତା'ର ଅମଙ୍ଗଳ କରିବ !"

ବ୍ରହ୍ମା କହିଲେ, "ମୁଁ ବର ଦେଇସାରିଛି । ଏତିକି ସଂଶୋଧନ କରିପାରେ ଯେ ସେ ଛଅ ମାସରେ ଥରେ ଗୋଟିଏ ଦିନପାଇଁ ଜାଗ୍ରତ ରହିବ । ଅନ୍ୟ କୌଣସି ଦିନ ଉଠିଲେ କୁମ୍ଭକର୍ଣ୍ଣର ଜୀବନ ବିପନ୍ନ ହେବ ।"

ଆମେ ଜାଣୁ, ରାବଣ ବହୁତ ସୈନ୍ୟ ସାମନ୍ତ ହରାଇବାପରେ କୁମ୍ଭକର୍ଣ୍ଣର ସାହାଯ୍ୟ ଲୋଡ଼ିଥିଲା । କିନ୍ତୁ ସେତେବେଳେ କୁମ୍ଭକର୍ଣ୍ଣର ଛଅମାସିଆ ନିଦ ଚାଲିଥିଲା । ତେଣୁ ତାକୁ ଉଠାଇବା-ପାଇଁ ଦୁନିଆଯାକର ବାଜା ବଜାଗଲା, ବରଫଭଳି ଥଣ୍ଡା ପାଣି ତା'ଉପରେ ଢଳାଗଲା, ତା' କାନଭିତରେ ଶଙ୍ଖ ଫୁଙ୍କାଗଲା, ବଡ଼ ବଡ଼ ପଥର ଓ କାଠଗଣ୍ଡି ଫୋପଡ଼ାଗଲା, ଏପରି କି କୁମ୍ଭକର୍ଣ୍ଣ ଉପରେ ହାତୀମାନଙ୍କୁ ଚଲାଗଲା; କିନ୍ତୁ ସେ ଉଠିଲା ନାହିଁ, ବରଂ ଜୋର୍‌ରେ ଘୁଙ୍ଗୁଡ଼ି ମାରିଲା । ଶେଷରେ ରାବଣର ଲୋକମାନେ ସୁସ୍ୱାଦୁ, ଗରମ ଖାଦ୍ୟ କୁମ୍ଭକର୍ଣ୍ଣର ନାକ ପାଖରେ ରଖିବାରୁ ତା'ର ନିଦ ଭାଙ୍ଗିଗଲା । ଦିନକୁ ଚାରି ବକତ କରି ଛଅ ମାସରେ ଯେତେ ଖାଇବା କଥା, ଏକା ବକତକେ ସେ ଖାଇଦେଲା ।

ରାମଚନ୍ଦ୍ରଙ୍କ ବାଣରେ କୁମ୍ଭକର୍ଣ୍ଣର ପ୍ରାଣ ଯିବା କଥା ଆମେ ଜାଣୁ । ଏସବୁ ରାମାୟଣର ଗଳ୍ପ । କଥାକାର ଯାହା ଲେଖେ, ସେଥିରେ କିଛି କଳ୍ପନା ଭରିଦେଇଥାଏ ସତ; କିନ୍ତୁ ମୂଳ ବିଷୟବସ୍ତୁ ଓ ଚରିତ୍ରଚିତ୍ରଣ ବାସ୍ତବ ଦୁନିଆରୁ ହିଁ ନେଇଥାଏ ।

ରାମାୟଣରଚୟିତା କୁମ୍ଭକର୍ଣ୍ଣର ଦୀର୍ଘ ନିଦ୍ରାର ଧାରଣା କେଉଁଠାରୁ ପାଇଲେ ?

କୁମ୍ଭକର୍ଣ୍ଣ ନିଦ୍ରାର ଦୁଇଟି ଲକ୍ଷଣ । ଗୋଟିଏ ହେଉଛି ଛଅମାସିଆ ନିଦ ଏବଂ ଅନ୍ୟଟି ହେଉଛି ଖାଦ୍ୟର ବାସନାରେ ନିଦ୍ରାଭଙ୍ଗ ।

କେତେକ ପ୍ରାଣୀ ପ୍ରବଳ ଥଣ୍ଡା ଓ ଖାଦ୍ୟାଭାବରୁ ରକ୍ଷା ପାଇବା-ପାଇଁ ଛଅମାସଯାଏ ନିଦ୍ରା ଯାଆନ୍ତି । ପ୍ରଚୁର ପରିମାଣରେ ଖାଦ୍ୟ ମିଳିବାର ସମୟ ଆସିଗଲେ ଉଠିପଡ଼ନ୍ତି । ଏହି ପ୍ରକାର ଶୀତ ନିଦ୍ରାକୁ ଇଂରାଜୀରେ ହାଇବରନେସନ୍ ଓ ଗ୍ରୀଷ୍ମ ନିଦ୍ରାକୁ ଆଷ୍ଟି-ଭେସନ୍ କୁହାଯାଏ । ଏହା ସମାଧି ପରିବା ଭଳି ।

ଶୀତଦିନେ ତାପ ଖୁବ୍ କମିଯିବାରୁ ଗଛପତ୍ର ଉଧାଏ ନାହିଁ । ଯେଉଁଠାରେ ବରଫ ପଡ଼େ, ସେଠାରେ ଆଦୌ ଖାଦ୍ୟ ମିଳେ ନାହିଁ । ଏପରି ସମୟରେ କେତେକ ଜନ୍ତୁ ଛଅ ମାସଯାଏ ନିଦ୍ରା ଯାଆନ୍ତି । ଜନ୍ତୁଟି ମରିଛି କି ବଞ୍ଚିଛି କହିବା କଷ୍ଟ ହୁଏ । ଯଦି ନିଦ୍ରାରେ ଥିବା ଜନ୍ତୁ ଅଦିନ ବର୍ଷା ବା ଅଦିନ ଗରମଯୋଗୁ ବାହାରିପଡ଼େ, ଶତ୍ରୁ ହାବୁଡ଼ରେ ପଡ଼ିଗଲେ ତା'ର ମୃତ୍ୟୁ ସୁନିଶ୍ଚିତ । ରାମାୟଣର କଥାକାର ଏସବୁକୁ ଲକ୍ଷ୍ୟ କରିଥିବେ ଏବଂ ତାହା ହିଁ କୁମ୍ଭକର୍ଣ୍ଣ ଚରିତ୍ରରେ ଫୁଟାଇଛନ୍ତି ।

ଆମେ ଯେଉଁ ଚେମେଣିଆ ଦେଖୁ, ସେମାନେ ଶୀତ ଦିନ ପାଖେଇଆସିଲେ ଗଛ କୋରଡ଼, ମନ୍ଦିରଭିତର ଗମ୍ବୁଜ, ଘରର ଅନ୍ଧାରୁଆ କୋଣ କିମ୍ବା ଗୁମ୍ଫା ଖୋଜି ସେଠାରେ ମୁଣ୍ଡକୁ ତଳକୁ ଝୁଲାଇ ଶୋଇଯାଆନ୍ତି । ସେମାନଙ୍କ ଶରୀରର ତାପ ଖୁବ୍ କମିଯାଏ, ହୃତ୍‌ପିଣ୍ଡର ସ୍ପନ୍ଦନ ବାରିହୁଏ ନାହିଁ । ଶୀତ ପାର ହୋଇଗଲାପରେ ଗରମ ସୂର୍ଯ୍ୟକିରଣ ପାଇ ମାଛିମାନେ ଘରଆଡ଼େ ଉଡ଼ନ୍ତି । ଏହି

ମାଛିଙ୍କୁ ଖାଉଥିବା ବାଦୁଡ଼ିମାନେ ସନ୍ଧ୍ୟାପରେ ଫର-ଫର ହୋଇ ଉଡ଼ିବୁଲନ୍ତି ।

ବେଙ୍ଗ, ଏଣ୍ଡୁଅ, ସାପ ଆଦି ଜନ୍ତୁମାନେ ବଡ଼ ବଡ଼ ପଥର-ତଳେ ବା କାଠଗଡ଼ତଳେ ଜାକିଜୁକି ହୋଇ ରହିଯାଆନ୍ତି । ଆମେ ପଥର ବା କାଠଗଡ଼ ଉଠାଇଦେଲେ ବେଳେବେଳେ ଦେଖୁ ଯେ ଖୁବ୍ ଅଳ୍ପ ଜାଗାରେ ଗୁଡ଼ାଏ ଜୀବ ଛନ୍ଦିହୋଇ ବା ଉପରେ ଉପରେ ଲଦିହୋଇ ପଡ଼ିରହିଥାଆନ୍ତି ।

ବାଡ଼ି-ବଗିଚାରେ ବର୍ଷାଦିନେ ଦେଖାଯାଉଥିବା ଗେଣ୍ଡା ଶୀତଦିନେ ବା ଖରାଦିନେ ଦେଖାଯାଆନ୍ତି ନାହିଁ । ବଗିଚାରେ ମାଟି ଖୋଳୁ ଖୋଳୁ ବେଳେବେଳେ ଦେଖୁ ଗୋଟିଏ ଗାତରୁ ଗୁଡ଼ାଏ ମଲା ଗେଣ୍ଡା ବାହାରନ୍ତି । ଏଗୁଡ଼ିକ ପ୍ରକୃତରେ ମରି ନ ଥାଆନ୍ତି । ଶୀତଦିନ ଆରମ୍ଭରେ ଏମାନେ ଗାତଭିତରେ ପଶିଯାଆନ୍ତି ଏବଂ ଚକ୍‌ଭଳି ଲାଳଦ୍ୱାରା ନିଜର ମୁହଁ ବନ୍ଦ କରିଦିଅନ୍ତି । ସେଗୁଡ଼ିକ ଏହି କାରଣରୁ ମଲାପରି ଜଣାଯାଆନ୍ତି । ପ୍ରକୃତରେ ସେମାନେ ଶୀତନିଦ୍ରା ଯାଇଥାଆନ୍ତି । ବିଭିନ୍ନ ମାଛି ଓ କେତେକ ପ୍ରଜାପତି ମଧ୍ୟ ଶୀତଦିନେ ଲୁଚିରହି ଶୋଇଯାଆନ୍ତି ।

ଶୀତଦିନେ ମହୁମାଛିମାନେ ନିଜ ବସାଭିତରେ ରହି-ଯାଆନ୍ତି । କିନ୍ତୁ ବଳୁଡ଼ିମାନେ ମରିଯାଆନ୍ତି, କେବଳ ରାଣୀ-ବଳୁଡ଼ିମାନେ ବଞ୍ଚିରହନ୍ତି । ରାଣୀ ବଳୁଡ଼ି ଗଛ-ବକଳାଭିତରେ ବା ଶୁଖିଲା ଗାତରେ ନିର୍ଜୀବଭଳି ଶୋଇରହେ । ଗ୍ରୀଷ୍ମ ଆସିଗଲେ ପ୍ରତ୍ୟେକ ରାଣୀ ବଳୁଡ଼ି ନୂଆ ବସା ବାନ୍ଧେ ଓ ହଜାର ହଜାର ଅଣ୍ଡା ଦେଇ ବଂଶ ବୃଦ୍ଧି କରେ ।

ସାଧାରଣ କୁମ୍ଭୀର, ବେଙ୍ଗ, ଗଡ଼ଶଭଳି ମାଛ ଶୀତଦିନ ଆରମ୍ଭରେ ନଦୀ ବା ପୋଖରୀତଳ କାଦୁଅରେ ଲୁଚି ଶୋଇ-

ରହନ୍ତି । କିନ୍ତୁ ଆଫ୍ରିକାର କୁମ୍ଭୀରମାନେ ଖରାଦିନେ ନିଦ୍ରା ଯାଆନ୍ତି । ଏହାର ଏକ ସ୍ୱତନ୍ତ୍ର କାରଣ ଅଛି । ପ୍ରବଳ ଉତ୍ତାପରେ ଆଫ୍ରିକାର ଅଧିକାଂଶ ନଦୀ ଶୁଖିଯାଏ କିଂବା ସେଥିରେ ଅଳ୍ପ ପାଣି ରହେ । ଅତ୍ୟଧିକ ତାପ ଏଡ଼ାଇବାପାଇଁ ଏହି କୁମ୍ଭୀରମାନେ କାଦୁଅଭିତରେ ଲୁଚି ଶୋଇଯାଆନ୍ତି । ଏହା ଗ୍ରୀଷ୍ମ ନିଦ୍ରା । ଅନ୍ୟ ପ୍ରାଣୀମାନଙ୍କ ପକ୍ଷରେ ଶୀତନିଦ୍ରା ଯେପରି, ଆଫ୍ରିକାର କୁମ୍ଭୀରମାନଙ୍କ ପକ୍ଷରେ ଗ୍ରୀଷ୍ମନିଦ୍ରା ସେହିପରି ।

ଏପରି ଦୀର୍ଘ ନିଦ୍ରାସମୟରେ ଜନ୍ତୁମାନଙ୍କ ଶାରୀରିକ କ୍ରିୟା ପ୍ରାୟ ବନ୍ଦ ହୋଇଯାଏ । କେତେକ ପୋକ ଆଦୌ ବଢ଼ନ୍ତି ନାହିଁ । ସ୍ତନ୍ୟପାୟୀ ଜୀବମାନଙ୍କର ଶରୀରର ଉତ୍ତାପ କମିଯାଇ ପରିବେଶର ଉତ୍ତାପ ସହିତ ସମାନ ହୋଇଯାଏ । ଅତି ଶୀତ ତଥା ମେରୁ ଅଞ୍ଚଳରେ କେତେକ ଚତୁଷ୍ପଦ ପ୍ରାଣୀ ଶୀତ ଆସିବାପୂର୍ବରୁ ଯେତେ ସମ୍ଭବ, ସେତେ ଖାଆନ୍ତି ଓ ଦେହସାରା ଚର୍ବି ଜମାନ୍ତି । ଶୀତ ଆରମ୍ଭ ହେଲେ ଗୋଟିଏ ଶୁଖିଲା ଜାଗା ଖୋଜନ୍ତି, ଯେଉଁଠି କି ଝାଡ଼ି ବରଫ ପଡ଼ିବ ନାହିଁ ବା ଶତ୍ରୁ ଆସିପାରିବ ନାହିଁ । ନିଜର ଅଭ୍ୟାସ ଅନୁଯାୟୀ କେତେକ ଜନ୍ତୁ କୁଣ୍ଡଳୀ କରି ଓ କେତେକ ଲମ୍ବ ହୋଇ ଶୋଇଯାଆନ୍ତି ।

ମଣିଷ ଯଦି ଦୁର୍ଦ୍ଦିନ ଆସିବାପୂର୍ବରୁ ଶୋଇଯାଆନ୍ତା ଓ ସୁଦିନ ଆସିଗଲାକ୍ଷଣି ଉଠିପଡ଼ନ୍ତା, ଜୀବନଟା କେତେ ସହଜ ହୁଅନ୍ତା ! ଏଭଳି ସୁବିଧା ନ ଚାହେଁ କିଏ ? କିନ୍ତୁ ମଣିଷର ଦେହ ସେପରି ତିଆରିହୋଇ ନାହିଁ ।

• • •

# ହନୁମାନ, ଶିମ୍ପାଞ୍ଜି ଓ ଉପଗ୍ରହ

ରାମାୟଣରେ ହନୁମାନଙ୍କ କୀର୍ତ୍ତିକୁ କିଏ ବା ନ ଜାଣେ ? ସେ ଶ୍ରୀରାମଙ୍କର ଯେତେ ବଡ଼ ଭକ୍ତ ଓ ଯେତେ ବେଶି ବିନମ୍ର, ସେତେ ଧ୍ୱଂସକାରୀ ମଧ୍ୟ । ପିଲାବେଳେ ଆକାଶରେ ନାଲି ଟୁକୁଟୁକୁ ଫଳଟିଏ ଦେଖି ତାକୁ ଖାଇବେ ବୋଲି ସେ ଗୋଟିଏ ଲମ୍ଫରେ ସୂର୍ଯ୍ୟଙ୍କୁ କାଖତଳେ ଜାକିଧରି ଓହ୍ଲାଇଆସିଥିଲେ । ତାଙ୍କପାଇଁ କି କାମ ଅସମ୍ଭବ !

ରାମଚନ୍ଦ୍ର ରାବଣକୁ ନିହତ କରି ଲଙ୍କା ଜୟ କଲାପରେ ବିଭୀଷଣଙ୍କୁ ରାଜସିଂହାସନରେ ବସାଇଲେ । ଅଭିଷେକପରେ ବିଭୀଷଣ ବାନରସେନାଙ୍କପାଇଁ ଏକ ବଡ଼ ଭୋଜି ଆୟୋଜନ କଲେ ।

ସୁଗ୍ରୀବଙ୍କ ବାନରସେନା ଧାଡ଼ି ଧାଡ଼ି ହୋଇ ଖାଇବାକୁ ବସିଗଲେ । ସେମାନଙ୍କ ସଂଖ୍ୟା ଏତେ ବେଶି ଥିଲା ଯେ ଖାଇବସିଲାବେଳେ ଗୋଟିଏ ବିରାଟ ପଡ଼ିଆ ଲୁଚିଗଲା ।

ହନୁମାନଙ୍କୁ ରାମଙ୍କ ପଛରେ ଠିଆହୋଇଥିବା ଦେଖି, ବିଭୀଷଣ ତାଙ୍କୁ ଆସନ ଗ୍ରହଣ କରିବାକୁ ଅନୁରୋଧ କଲେ । ରାମଚନ୍ଦ୍ରଙ୍କ ଇଙ୍ଗିତରେ ହନୁମାନ ଆସନ ଗ୍ରହଣ କଲେ ।

ଭୋଜି ସାମଗ୍ରୀ ବଢ଼ାଗଲା । ବହୁତ ପ୍ରକାରର ବ୍ୟଞ୍ଜନ-ମଧ୍ୟରେ ଶିମ୍ବ-ତରକାରୀ ଥିଲା । ବାନରମାନେ ଖାଇବାକୁ ଲାଗିଲେ ।

ହଠାତ୍ ଗୋଟିଏ ବାନର ଶିମ୍ବଟିଏ ଚିପିଦେବାରୁ ତା ମଞ୍ଜିଟି ଉପରକୁ ଛିଟିକିପଡ଼ିଲା । ମଜା ଦେଖିବାକୁ ସେ ଆଉ ଗୋଟିଏ ଶିମ୍ବକୁ ଚିପିଦେଲା । ତା ମଞ୍ଜିଟା ଆହୁରି ଉପରକୁ ଛିଟିକିଗଲା ।

ପାଖରେ ବସିଥିବା ବାନରଟି ଏସବୁ ଦେଖି ଭାବିଲା, ଛାର ଶିମ୍ବମଞ୍ଜିଟା ଏତେ ବାଟ ଉଠିଯାଉଛି ! ନିଜର ପରାକ୍ରମ ଦେଖାଇବା-ପାଇଁ ସେ ଶିମ୍ବମଞ୍ଜିଠାରୁ ଆଉ ଟିକିଏ ଉପରକୁ ଡେଇଁପଡ଼ିଲା । ତା' ପାଖରେ ବସିଥିବା ବାନରଟି ହଟିବାର ନୁହେଁ । ସେ ଆଉ ଟିକେ ଉଚ୍ଚକୁ ଡେଇଁଲା । ତୃତୀୟ ବାନରଟି କାହିଁକି ପଛେଇଯିବ ? ସେ ବି ଆହୁରି ଉଚ୍ଚକୁ ଡେଇଁପଡ଼ିଲା । ଏହି କ୍ରମରେ କିଛି ସମୟ-ମଧ୍ୟରେ ସେ ପଙ୍କ୍ତିରେ ଭୋଜି ଖାଇବସିଥିବା ବାନରମାନେ ଗୋଟିକପରେ ଗୋଟିଏ ଉପରକୁ ଡେଉଁଥିବାର ଦେଖାଗଲା । ଜଣେ ଆଉ ଜଣଙ୍କଠାରୁ ଅଧିକ ଉଚ୍ଚ କୁଦିବାକୁ ଚେଷ୍ଟା କରୁଥାଏ । କିଏ ଦୁଇ ମିଟର୍ ଡେଇଁଲା ତ, କିଏ ତିନି ମିଟର । କିଏ ପାଞ୍ଚ ମିଟର୍ ତ କିଏ ଛଅ ମିଟର୍ । ରାମଚନ୍ଦ୍ର ଏସବୁ ଦେଖି ହସୁଥିଲେ । ହନୁମାନ ଧୀର ହୋଇ ବସିଥାଆନ୍ତି ।

ରାମଚନ୍ଦ୍ରଙ୍କର ମନେ ପଡ଼ିଲା ହନୁମାନର ଲଙ୍କା ଅଭିଯାନ—ଗୋଟିଏ ଲମ୍ଫରେ ସେ ସମୁଦ୍ର ପାର ହୋଇଯାଇଥିଲେ । ସେ କହିଲେ, "ହନୁମାନ, ତୁମେ କାହିଁକି ଏ ପ୍ରତିଯୋଗିତାରୁ



[ହନୁମାନ ଭେଜି]

ଭେଜିଖାଇ ବସିଥିବା ବେଳେ ତରକାରି ଭିତରୁ ଶିମ୍ବ ମଞ୍ଜିଟିକୁ ହନୁଟିଏ ଚିପି ଦେବାରୁ ମଞ୍ଜିଟି ଉପରକୁ ଉଠି ଛିଟିକି ପଡ଼ିଲା । ପାଖ ହନୁଟି ଏହାକୁ ଗୋଟିଏ ଖେଳ ବୋଲି ଭବି ତା ତରକାରିର ଶିମ୍ବ ମଞ୍ଜିକୁ ଚିପି ଆଉ ଟିକିଏ ଉପରକୁ ଉଠାଇଲା । ନିଜର ପରକ୍ରମ ଦେଖାଇବାପାଇଁ ଅନ୍ୟ ବାନରଟିଏ ନିଜେ ମଞ୍ଜି ଠାରୁ ବେଶି ଉପରକୁ ଡେଇଁପଡ଼ିଲା ! ଏହିଭଳି କିଏ ୪ ମିଟର ଉଠିଲା ତ କିଏ ୬ ମିଟର !



[ହନୁମାନ ଡେଇଁଲେ]

ଅନ୍ୟ ବାନରମାନେ ଗୋଟିକ ପରେ ଗୋଟିଏ ଅଧିକରୁ ଅଧିକ ଉଚ୍ଚକୁ ଡେଇଁଥିବାର ଦେଖି ରାମଚନ୍ଦ୍ର ହସିଦେଲେ । ହନୁମାନ ଧୀର ହୋଇ ବସିଥାନ୍ତି । ସେ କାହିଁକି ଡେଉଁନାହିଁ ବୋଲି ଯେତେବେଳେ ରାମଚନ୍ଦ୍ର ପଚାରିଲେ, ହନୁମାନ ଏତେ ଜୋରରେ ଲମ୍ଫ ଦେଲେ ଯେ ହାବେଲି ଭଳି ଉଠି ପୃଥିବୀ ବାହାରକୁ ଚାଲିଗଲେ । ଉପଗ୍ରହ ଯେପରି ଥରେ ଦୁଇଥର ପୃଥିବୀ ପରିକ୍ରମା କରି ଅବତରଣ କରିଥାଏ ହନୁମାନ ସେହିପରି ତିନି ଦିନ ପରେ ଫେରିଲେ ।

ଦୂରେଇଯାଉଛ ? ଅନ୍ୟମାନଙ୍କୁ ଦେଖାଇଦିଅ ତୁମେ କେତେ ଉପରକୁ ଯାଇପାର ।"

ହନୁମାନ ବିନମ୍ର ହୋଇ କହିଲେ, "ପ୍ରଭୁ, ମୁଁ ଆକାଶରେ ବୃଥା ଲମ୍ଫ ଦିଏ ନାହିଁ ।"

ରାମଚନ୍ଦ୍ର ଏ କଥା ଶୁଣି ହନୁମାନଙ୍କୁ ଗୋଟିଏ ପଦ୍ମଫୁଲ ଦେଇ କହିଲେ, "ମୋ ତରଫରୁ ଏହାକୁ ସୂର୍ଯ୍ୟ ଦେବତାଙ୍କୁ ଭେଟି ଦେଇଆସିବ । ତାଙ୍କୁ ମୋ ପ୍ରଣାମ ମଧ୍ୟ ଜଣାଇବ ।"

ହନୁମାନ ରାଜିହେଲେ । ତାଙ୍କ ଡିଆଁ ଦେଖିବାପାଇଁ ଖିଆପିଆ ଛାଡ଼ିଦେଇ ସମସ୍ତେ ତାଙ୍କ ଆଡ଼କୁ ଚାହିଁରହିଲେ । ହନୁମାନ ଏତେ ଜୋର୍‌ରେ ଲମ୍ଫ ଦେଲେ ଯେ ତାଙ୍କ ଗୋଡ଼ତଳେ ଗୁଡ଼ାଏ ଧୂଳି ଉଡ଼ିଲା ଓ ସମସ୍ତଙ୍କୁ ଜାଲଜାଲୁଆ ଦେଖାଗଲା । ଧୂଳି ବାଦଲ ସଫା ହେବାବେଳକୁ ହନୁମାନ ଅଦୃଶ୍ୟ ହୋଇଯାଇଥିଲେ ।

ଅନ୍ୟ ବାନରମାନେ ହନୁମାନଙ୍କ ଫେରିବାକୁ ଅଖିଆ ଅପିଆ ଚାହିଁରହିଲେ । କାହାଣୀରେ ଅଛି ଯେ ତିନି ଦିନପରେ ହନୁମାନ ଫେରିଲେ । ପୃଥିବୀକୁ ଓହ୍ଲାଇ ସେ ପ୍ରଥମେ ଶ୍ରୀରାମଙ୍କୁ ପ୍ରଣାମ କଲେ ।

ଏ କାହାଣୀରୁ ଜଣାପଡ଼ୁଛି ଯେ ହନୁମାନ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିକୁ ଅତିକ୍ରମ କରି ମହାକାଶକୁ ଉଠିଯାଇ-ପାରୁଥିଲେ । ଆଜିକାଲି ବୈଜ୍ଞାନିକମାନେ ଶକ୍ତିଶାଳୀ ରକେଟ୍‌ଦ୍ୱାରା ଉପଗ୍ରହ ପଠାଇପାରୁଛନ୍ତି । ଏହା ଯେଉଁ ନିୟମରେ କାମ କରେ, ତାହା ନିଉଟନ୍ ଆବିଷ୍କାର କରିଥିଲେ ।

ଆମେ ଜାଣୁ ଯେ ପୃଥିବୀ ଗୋଲାକାର ଓ ତା'ର ମାଧ୍ୟାକର୍ଷଣ ଶକ୍ତିବଳରେ ସବୁ ଜିନିଷକୁ ନିଜ କେନ୍ଦ୍ର ଆଡ଼କୁ ଟାଣେ । ଆମେ ପଥରଟିଏ ଫୋପାଡ଼ି ଦେଲେ, ତାହା ଯେତେ ଦୂରକୁ ପ୍ରଥମେ ଯାଉଥିବ, ସେତେ ତଳକୁ ତଳକୁ ଖସି ଶେଷରେ ଭୂଇଁରେ ପଡ଼ିବ ।

ପ୍ରତ୍ୟେକ ବସ୍ତୁର ଗତି ହିଁ ତାକୁ ପଳାୟନ ଶକ୍ତି (ସେଣ୍ଟ୍ରିଫୁଗାଲ୍ ଫୋର୍ସ୍) ଦେଇଥାଏ । ଅଥଚ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିଯୋଗୁ ସବୁବେଳେ ତାହା ପୃଥିବୀର କେନ୍ଦ୍ର ଆଡ଼କୁ ଟାଣିହୋଇଆସେ । ଯଦି ଏହି ପଳାୟନ ଶକ୍ତି ମାଧ୍ୟାକର୍ଷଣ ଶକ୍ତିସହିତ ସମାନ ହୋଇଯାଏ, ତେବେ ବସ୍ତୁଟି ପୃଥିବୀର ଉପଗ୍ରହ ହୋଇ ଚିରଦିନ ଘୂରିବ । ବେଗ ବେଶି ହେଲେ ପୃଥିବୀଠାରୁ ଦୂରେଇଯାଇ ସୌରମଣ୍ଡଳରେ ପ୍ରବେଶ କରିବ, କିନ୍ତୁ କମିଗଲେ ଟାଣିହୋଇ ଭୂପୃଷ୍ଠକୁ ଖସିଆସିବ ।

ନିଉଟନ୍ କହିଥିଲେ—ଭୂପୃଷ୍ଠସହିତ ସମାନ୍ତରାଳ କରି କୌଣସି ବସ୍ତୁକୁ ଘଣ୍ଟାକୁ ୧୮ ହଜାର ମାଇଲ ବା ୨୯୨୦୦ କିଲୋମିଟର ବେଗରେ ଫୋପାଡ଼ିଲେ ତାହା ଚନ୍ଦ୍ରଭଳି ପୃଥିବୀ ଚାରିପଟେ ଘୂରୁଥିବ । ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ଶକ୍ତିଶାଳୀ ଇନ୍ଧନ ଆବିଷ୍କାର ହେବାଫଳରେ ଏହି ବେଗ ଆଣିବାଭଳି ରକେଟ୍ ତିଆରି-କରାଗଲା । ପ୍ରଥମେ ବାୟୁମଣ୍ଡଳର ଊର୍ଦ୍ଧ୍ୱ ଅଂଶକୁ ଉଠାଇ ତା' ପରେ ଊର୍ଦ୍ଧ୍ୱ ଗତିକୁ ବଦଳାଇ ଭୂତଳ ସହିତ ସମାନ୍ତରାଳ କରି ବେଗ ଦେବାକୁ ପଡ଼ିବ ।

ଏହି ନିୟମ ଅନୁସାରେ କୃତ୍ରିମ ଉପଗ୍ରହମାନ ମହାକାଶକୁ ପଠାଯାଉଛି । ରୁଷର ସ୍ପୁଟ୍ନିକ୍ ଓ କସ୍‌ମସ୍ ଉପଗ୍ରହ, ଆମେରିକାର ଇଣ୍ଟେଲ୍‌ସାଟ୍ ଓ ଗୁପ୍ତଚର ଉପଗ୍ରହ, ଫ୍ରାନ୍‌ସ୍‌ର ଆରିଏନ୍ ଏବଂ ଭାରତର ଆର୍ଯ୍ୟଭଟ୍ଟ, ଭାସ୍କର ଓ ଇନ୍‌ସାଟ୍ ଆଦି ପୃଥିବୀ ଚାରିପଟେ ଏକ ଏକ କକ୍ଷ ପଥରେ ଘୂରୁଛନ୍ତି । ବେଶି ବେଗରେ ପଠାଯାଇ-ଥିବା ଭଏଜର ସୌରମଣ୍ଡଳର ଶେଷସୀମା ନେପ୍‌ଚ୍ୟୁନ୍‌ର କକ୍ଷପଥରେ ପ୍ରବେଶ କଲାଣି । ସବୁ ଠିକ୍ ରହିଲେ ଆଉ କେତେ ବର୍ଷରେ ଏହା ସୌରମଣ୍ଡଳ ପାର ହୋଇଯିବ । ଅନ୍ୟ ପକ୍ଷରେ କଲମ୍ବିଆ ଓ ଚ୍ୟାଲେଞ୍ଜରଭଳି ସ୍ପେସ୍ ସଟଲ୍ ଓଲଟା ରକେଟ୍ ମାରି

ପୃଥିବୀକୁ ଫେରିପାରୁଛି ଏବଂ ବାୟୁମଣ୍ଡଳରେ ଯେପରି ଅତି ପ୍ରଖର ବେଗରେ ଖସି ଜଳି ନ ଯାଏ, ସେଥିପାଇଁ ବିପରୀତମୁଖୀ ରକେଟ୍ ମାରି ବେଗ କମାଇଦେଉଛି ।

ହନୁମାନ ଯେଉଁ ଲମ୍ଫ ମାରୁଥିଲେ, ତାହା ରକେଟ୍‌ଭଳି ଶକ୍ତି ଯୋଗାଉଥିଲା ; ରକେଟ୍ ଇଞ୍ଜିନ୍‌ର ଅଗ୍ନିଶିଖା ଯେପରି ଧୂଆଁ ବାଦଲ ତିଆରିକରେ, ହନୁମାନ ସେହିପରି ଧୂଳିଝଡ଼ ତିଆରିକରୁଥିଲେ । ତାଙ୍କର ପ୍ରଖର ବେଗ ତାଙ୍କୁ ପୃଥିବୀ ବାହାର ମହାକାଶକୁ ନେଇଯାଉଥିଲା । ଭୂପୃଷ୍ଠକୁ ଫେରିବାରେ ବେଗ କମାଇ ଆସିଥିବେ, ନଚେତ୍ ପୃଥିବୀରେ ଛେଚି ହୋଇଯାଉଥାଆନ୍ତେ ।

ଭାବି ଦେଖନ୍ତୁ ତ ! ଆମେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉପଗ୍ରହ ଛାଡ଼ୁଛୁ, କିନ୍ତୁ ହନୁମାନ ନିଜ ଶକ୍ତିବଳରେ ମହାକାଶକୁ ଉଠିଯାଉଥିଲେ । ବୋଧ ହୁଏ ହନୁମାନ ବୁଷ୍ଟର୍ ରକେଟ୍ ଓ ରେଟ୍ରୋ-ରକେଟ୍ ( ଓଲଟା ଗତିର ରକେଟ୍ ) ତିଆରିକରିବାର କୌଶଳ ଜାଣିଥିଲେ ଓ ବାୟୁମଣ୍ଡଳର ଘର୍ଷଣରେ ଜଳି ନ ଯିବାଭଳି ଆବରଣ ତାଙ୍କର ଥିଲା ।

● ● ●